ଆଜି - ରବିବାର
ତାରିଖ - ୦୫ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୨
ତିଥି - ତୃତୀୟା, ପକ୍ଷ-କୃଷ୍ଣ
ନକ୍ଷତ୍ର - ବିଶାଖା, ତୁଳା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୧: ୦୦
ସୂର୍ଯ୍ୟାସ୍ତ - ୫ : ୪୮ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପାର୍ଥିବ ପ୍ରେମକୁ ଜାଳି ତା'ର ପାଉଁଶକୁ କାଳି କରିଦିଅ; ହୃଦୟକୁ କଲମ କର ଏବଂ ଧିମତାକୁ ଲେଖକ କରି ଏମିତି ଲେଖା ଲେଖିଚାଲ, ଯାହାର କେବେ ଶେଷ ହେବନାହିଁ । । "

- ଗୁରୁ ନାନକ


E-News : www.Ajikali epaper.com

Vol.- 40 ISSUE- 351 R.N.I. REGD. No. 44026/86 ବାଲେଶ୍ୱର ୦୫ ଅପ୍ରେଲ ୨୦୨୬ ରବିବାର BALASORE 05 APRIL 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଚେନ୍ନାଇରେ ବିଜେପି କେନ୍ଦ୍ରୀୟକମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଲେ ପ୍ରଧାନମନ୍ତ୍ରୀ



ଚେନ୍ନାଇ : ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ଭାରତୀୟ ଜନତା ପାର୍ଟି (ବିଜେପି) ତାର ନିର୍ବାଚନୀ ପ୍ରସ୍ତୁତିକୁ ତୀବ୍ର କରିଛି । ଏହି ପରିପ୍ରେକ୍ଷୀରେ,ଚେନ୍ନାଇର ଗିଣ୍ଡି ସ୍ଥିତ ଏକ ହୋଟେଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବିଜେପିର କେନ୍ଦ୍ରୀୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକ ସମୟରେ, ନିର୍ବାଚନ ରଣନୀତି, ପ୍ରଚାର ପଦକ୍ଷେପ ଏବଂ ସାଂଗଠନିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ବିଜେପି ନେତାମାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନିର୍ବାଚନୀ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ ଭାବରେ ଆଗକୁ ବଢ଼ାଇବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିଥିଲେ ।ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କମିଟିର ୧୮ ଜଣ ସଦସ୍ୟଙ୍କ ବ୍ୟତୀତ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଏଲ୍. ମୁରୁଗନଙ୍କ ସମେତ ନୈନାର ନାଗେନ୍ଦ୍ରନ, କେ. ଅନ୍ନାମଲାଇ, ତାମିଲିସାଇ ସୌନ୍ଦରାରାଜନ ଏବଂ ବନଥୀ ଶ୍ରୀନିବାସନଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ ।ବୈଠକରେ ନିର୍ବାଚନ ପ୍ରଚାରକୁ ଅଧିକ ପ୍ରଭାବଶାଳୀ କରିବା, ସାଧାରଣ ରାଲିର ସଂଖ୍ୟା ବୃଦ୍ଧି କରିବା ଏବଂ ବୁଥ୍ ସ୍ତର ପର୍ଯ୍ୟନ୍ତ ଦଳୀୟ ସଂଗଠନକୁ ମଜବୁତ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ବିଜେପି ନେତୃତ୍ୱ ବିଶ୍ୱାସ କରନ୍ତି ଯେ ଏକ ଦୃଢ଼ ରଣନୀତି ଏବଂ ଆକ୍ରମଣାତ୍ମକ ଅଭିଯାନ ମାଧ୍ୟମରେ ଦଳ ତାମିଲନାଡୁରେ ଉତ୍ତମ ପ୍ରଦର୍ଶନ ହାସଲ କରିପାରିବ ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ

# କୁନି କୁନି ପିଲାମାନଙ୍କୁ ଖଡ଼ିଛୁଆଁଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ନୂତନ ଶିକ୍ଷା ବର୍ଷ ଆରମ୍ଭ । ପାଠପଢ଼ା ପୂର୍ବରୁ ପିଲାଙ୍କ ହୋଇଛି ଖଡ଼ିଛୁଆଁ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଦ୍ୟାଳୟରେ ପହଂଚି ନୂଆ କରି ପାଠପଢ଼ିବାକୁ ଆସିଥିବା କୁନି କୁନି ପିଲାଙ୍କୁ ଖଡ଼ିଛୁଆଁ, ଶ୍ରେଣୀ ଗୃହରେ ପ୍ରବେଶ କରାଯାଇଛନ୍ତି । ଏହା ସହିତ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍ ପ୍ରଦାନ କରିଛନ୍ତି । ଶନିବାର ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଂଚି କୁନି କୁନି ପିଲାଙ୍କମାନଙ୍କୁ ଖଡ଼ିଛୁଆଁଇ ଥିଲେ । ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢା ଆରମ୍ଭ କରାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାଙ୍କ ବୌଦ୍ଧିକ ଜ୍ଞାନ ଟେଷ୍ଟ କରିଥିଲେ । ସିଏମ ମୋହନ ମାଝୀ ପିଲାଙ୍କ ମନ ଜିଣିଲା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କ'ଣ ? ବାପାଙ୍କ ନାଁ କ'ଣ ? ମାମୁ ଘର କେଉଁଠି ? କ'ଣ ଖାଇକି ଆସିଛ ଇତ୍ୟାଦି' । ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ । ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡିଶା' ଓ 'ପଢିବା, ଗଢିବା ଓଡିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପିଲାଙ୍କ ଦ୍ୱାରା ଅନୁଷ୍ଠିତ




ହେଉଥିବା ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ପିଲାମାନଙ୍କୁ ପ୍ରଶଂସା କରିଥିଲେ । ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ । ପିଲାମାନଙ୍କୁ ତଥା ଉପସ୍ଥିତ ଅଭିଭାବକମାନଙ୍କୁ ଶୁଭକାମନା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖଡିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା । ଗତ ବର୍ଷଠାରୁ ଏହି ପରମ୍ପରାକୁ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇଛି । ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ସରକାର ରାଜ୍ୟରେ ରେକର୍ଡ ସଂଖ୍ୟକ ଅର୍ଥାତ୍ ୫ ଲକ୍ଷ ନିମନ୍ତ୍ରଣ ପତ୍ର ବାଂଟିଛନ୍ତି । ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଂଚିତ ନହୁଅନ୍ତୁ, ତାକୁ ସୁନିଶ୍ଚିତ କରିବା ପାଇଁ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି । ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନରହିବ, ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଶହେ ପ୍ରତିଶତ ନାମଲେଖା । ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡି ଗୁଡିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି । ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରିଥାନ୍ତି । ଓଡିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ । ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ । ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୁପଣ କରି ତା'ର ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ ।

## ଅଳ୍ପରେ ଖବର

- ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୧୪୦୦ ପଦବୀ ପୂରଣ ହେବ । ଏନେଇ ବଡ଼ ଘୋଷଣା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।
- ବଂଶଧାରା ନଦୀ ଜଳ ବଂଟନ ନେଇ ବହୁ ବର୍ଷ ଧରି ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି । ଆନ୍ଧ୍ରର ଦାବିକୁ ସ୍ୱୀକାର କରି ଗେଜେଟ ନୋଟିଫିକେଶନ ପ୍ରକାଶ ପାଇଛି ।
- ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ ।
- ଆଉ ପେଟ୍ରୋଲ-ଡିଜେଲ୍ ମିଳିବନି । ଗ୍ୟାସ୍ ଆସୁନି, କେମିତି ରୋଷେଇ କରିବା । ଏମିତି ଚର୍ଚ୍ଚା ଏବେ ସବୁଠି ଚାଲିଛି । ଲୋକେ ଭବିଷ୍ୟତ କଥା ଭାବି ଭୟଭୀତ ହେଉଥିବାବେଳେ ପୁଣିଥରେ ଆଶ୍ୱାସନା ଦେଇଛନ୍ତି ସରକାର ।

## ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଂଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ । ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି । ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ । ଏଠାକାର ଉନ୍ନତ



ଭିତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ । ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଂଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ଶ୍ରୀ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ନିର୍ମାଣ ବିଭାଗ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର : ଭିତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି । ବର୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି । ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ




ଇଙ୍କରଭସଗ୍ବଚ ମରଭଗ୍ବରକ୍ସ' ନିର୍ମାଣ ନେଇ ଆଲୋଚନା ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱରେ ସର୍ବନିମ୍ନ ସୁବିଧା ପାଇଁ 'ଡବଚ ଝସୟର ହୋଇଥିଲା । ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ୮ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା

ଭୁବନେଶ୍ୱର : ଆସନ୍ତା ୮ ଯାଏଁ ବର୍ଷିବ । ଜାରି ରହିବ ଗରମ ଗୁଳୁଗୁଳି । ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି ହୋଇଛି । ତେବେ ୨ଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଶନିବାର କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରିକୁ ଘଡ଼ଘଡ଼ି ସହ ବର୍ଷା ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେହିପରି ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସୂଚନା ଦିଆଯାଇଛି । ଏହି ସମୟରେ ପବନର ବେଗ ପ୍ରାୟତଃ ୩୦ ରୁ ୪୦ କି.ମି. ରହିବ ବୋଲି ଆକଳନ କରାଯାଇଛି । ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପ୍ରବଳ ଗରମ ଓ ଗୁଳୁଗୁଳି ହେଉଛି । ଏଥିସହ ଗରମ ଝାଞ୍ଜି ପବନରେ ଦେହ ହାତ



ପୋଡିଗଲା ଭଳି ଅନୁଭୂତ ହେଉଛି । ଗତ ୨୪ଘଂଟାରେ ରାଜ୍ୟର ୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଝାରସୁଗୁଡାରେ ସର୍ବାଧିକ ୪୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଅନୁଗୋଳ ୪୦.୭ ଡିଗ୍ରୀ, ଟିଟିଲାଗଡ଼ ଓ ଭଦ୍ରକ ୪୦.୫, ହୀରାକୁଦ ୪୦.୪, ବଲାଙ୍ଗୀର ୪୦.୩, ପାରଳାଖେମୁଣ୍ଡି, ସମ୍ବଲପୁର ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି । ସେହିପରି ଦ୍ୱୈତନଗରୀ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୮.୭ ଡିଗ୍ରୀ ଓ କଟକରେ ୩୮.୪ ଡିଗ୍ରୀ ରେକର୍ଡ ହୋଇଛି । ଆଗାମୀ ୪ଦିନ ଧରି ରାଜ୍ୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହ ଶନିବାର ମଧ୍ୟ ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ପାର କରିବ ।

## ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମିଳିଲା ସବୁଜ ସଙ୍କେତ

ପୁରୀ: ପୁରୀବାସୀଙ୍କ ପାଇଁ ଖୁସି ଖବର । ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଜଙ୍ଗଲ ମଞ୍ଜୁରୀ ପ୍ରଦାନ କଲା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ । ଓଡ଼ିଶାର ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ନୀତିଗତ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ କିଛି ସର୍ତ ସହିତ ଅନୁମତି ଦେଇଛନ୍ତି । ନୀତିଗତ ଭାବେ ରାଜି, କିନ୍ତୁ ଚୂଡ଼ାନ୍ତ ଅନୁମତି ପୂର୍ବରୁ କିଛି ନିୟମ ପାଳନ କରିବାକୁ ପଡ଼ିବ । କ୍ଷତିପୂରଣ ହେଉଥିବା ପାଇଁ ଅନ୍ୟ ସ୍ଥାନରେ ନୂଆ ଗଛ ଲଗାଇବାକୁ ହେବ । ଜଙ୍ଗଲ ଜମି ବ୍ୟବହାର ପାଇଁ ଆବଶ୍ୟକ ଖର୍ଚ୍ଚ ଭରଣା କରିବାକୁ ହେବ । ସ୍ଥାନୀୟ ପ୍ରଶାସନ ଏବଂ ଆବଶ୍ୟକ ସ୍ଥଳେ ଜନଜାତିଙ୍କ ସହମତି ନେବା । ଜୀବଜନ୍ତୁ ଓ ପରିବେଶର ଯତ୍ନ ନେବା ପାଇଁ ବ୍ୟବସ୍ଥା କରିବା ।



ରାଜ୍ୟ ସରକାର କିମ୍ବା ବିମାନବନ୍ଦର କର୍ତୃପକ୍ଷ ସମସ୍ତ ସର୍ତ ପୂରଣ କରିବେ । ଏହାପରେ ଷ୍ଟେଜ୍-୨ ବା ଚୂଡ଼ାନ୍ତ ଅନୁମତି ପାଇଁ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଯେ, ୧୧୬୪ ଏକର ଜମି ଉପରେ ନିର୍ମାଣ ହେବ ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର । ସେଥିମଧ୍ୟରୁ ୯୪୩ ଏକର ସରକାରୀ ଜମି ଥିବା ବେଳେ ୨୨୧ ଏକର ଘରୋଇ ଜମି ରହିଛି । ଏହି ବିମାନବନ୍ଦର ନିର୍ମାଣ ହେବା ଦ୍ୱାରା ପୁରୀକୁ ଗମନାଗମନରେ ସୁବିଧା ହେବ । ଦୂରରୁ ଆସୁଥିବା ପର୍ଯ୍ୟଟକମାନେ ଏଣିକି ଭୁବନେଶ୍ୱର ପରିବର୍ତେ ପୁରୀରେ ଓହ୍ଲାଇ ପାରିବେ ।





# ଶିକ୍ଷା ସୁରକ୍ଷା ମଂଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.)ବର୍ତ୍ତମାନ ସରକାରୀ ପ୍ରାଥମିକ ଶିକ୍ଷାବ୍ୟବସ୍ଥାରେ ଶ୍ରଦ୍ଧା ଓ ଉତରଦାୟିତ୍ୱ କମିଯିବା ଯୋଗୁଁ ଦୁର୍ବଳ ଶିକ୍ଷାଦାନ, ଗୁଣାତ୍ମକ ଶିକ୍ଷାର ଅଭାବ ଓ ଆବଶ୍ୟକୀୟ ଶିକ୍ଷକ ଓ ପାରିପାର୍ଶିକ ଭିତ୍ତିଭୂମି ପ୍ରଭୃତି କାରଣରୁ ଅନେକ ଛାତ୍ରଛାତ୍ରୀ କେବଳ ଗୋଟେ ଶ୍ରେଣୀରୁ ଆଉ ଗୋଟେ ଶ୍ରେଣୀକୁ ଉତୀର୍ଣ୍ଣ ହେଉଥିବାବେଳେ ଉପଯୁକ୍ତ ଶିକ୍ଷାର ଅଭାବ ପରିଲକ୍ଷିତ ହେଉଛି । ଅଷ୍ଟମ ଓ ନବମ ଶ୍ରେଣୀର ପିଲାମାନେ ୪ର୍ଥ କିମ୍ବା ୫ମ ଶ୍ରେଣୀର ପାଠ ପଢ଼ି ଲେଖୁବାରେ ଅସମର୍ଥ । ନିମ୍ନ ମଧ୍ୟବିତ ପରିବାର ଅଭିଭାବକ ବେସରକାରୀ ସ୍କୁଲ୍ ?ରେ ନିଜ ପିଲାକୁ ପଢ଼ାଇବାକୁ ବାଧ୍ୟ ଏବଂ ପରବର୍ତୀ ଅବସ୍ଥାରେ ବେସରକାରୀ ସ୍କୁଲ୍ ?ର ଜୁଲୁମ୍ ?ରେ ଅତିଷ୍ଠ । ସେଥି?ପାଇଁ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଅଭିଭାବକ ଓ ସରକାରୀ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ । ପ୍ରାଥମିକ ଶିକ୍ଷା ଦୁର୍ବଳ କାରଣରୁ ପିଲାମାନେ ଭବିଷ୍ୟତରେ ଉଚ୍ଚଶିକ୍ଷାରେ କୃତକାର୍ଯ୍ୟ ହୋଇ ପାରୁନାହାନ୍ତି । ଜାତୀୟସ୍ତରର ପରୀକ୍ଷାମାନଙ୍କରେ ଓଡ଼ିଶାର ପୂର୍ବବର୍ଷମାନଙ୍କଠାରୁ କୃତକାର୍ଯ୍ୟ ସଂଖ୍ୟା ହ୍ରାସ ପାଉଛି । ଏହି ସବୁ ବହୁ ଘଟଣାକୁ ଆଧାର କରି ଓ ଏହାର ନିରାକରଣ ପାଇଁ ବାଲେଶ୍ୱରରେ ଆମେ କେତେଜଣ ମିଳିତ ଭାବେ ‘ଶିକ୍ଷା ସୁରକ୍ଷା ମଂଚ’ ନାମରେ ଗତ ଦୁଇମାସ ପୂବରୁ ଏକ ସଂଗଠନ ପ୍ରତିଷ୍ଠା କରିଛୁ । ଏହି ସଂଗଠନ କେବଳ ଶିକ୍ଷାଦାନ ବ୍ୟବସ୍ଥାରେ ଥିବା ବିଭିନ୍ନ ସମସ୍ୟାକୁ ଶିକ୍ଷାବ୍ୟବସ୍ଥା ଦାୟିତ୍ୱରେ ଥିବା ପ୍ରଶାସକ, ଜନପ୍ରତିନିଧି, ଶିକ୍ଷକମାନଙ୍କ ସଂଗଠନର କର୍ମକର୍ତା ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିବ । ଏଥିପାଇଁ ଅଭିଭାବକ, ସମସ୍ତ ଜ୍ଞାନୀ, ଗୁଣୀ ଓ ଶିକ୍ଷାପ୍ରେମୀ, ଶିକ୍ଷାବିତ୍ ?ମାନଙ୍କର ସହଯୋଗ କାମନା କରୁଛୁ । ଓଡ଼ିଆ ଭାଷା ରକ୍ଷକ ଫକୀରମୋହନ ସେନାପତିଙ୍କ ମାଟି ବାଲେଶ୍ୱରକୁ ଧାନ, ପାନ, ମୀନ ଓ ଜ୍ଞାନର ଗନ୍ତାଘର କୁହାଯାଏ । ଆମ ରାଜ୍ୟର ଶିକ୍ଷାମାନଚିତ୍ରରେ ବାଲେଶ୍ୱର ସର୍ବଦା ପ୍ରଥମ ସ୍ଥାନ ଅଧୁକାର କରିଆସିଛି । ତେଣୁ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କାମନା କରୁଛୁ । ଏହି ସଂଗଠନ ଏକ ଅଣରାଜନୈତିକ ସଂଗଠନ ଭାବେ କାର୍ଯ୍ୟ କରିବ ଓ ସମସ୍ତବର୍ଗର ଗଠନମୂଳକ ମତାମତ ଓ ପରାମର୍ଶକୁ ବିଚାରକୁ



ନେବ । ବାଲେଶ୍ୱରର ସମସ୍ତ ଗଣମାଧମ ପ୍ରତିନିଧି ବଂଧୁମାନେ ଆମର ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଜନସାଧାରଣଙ୍କ ନିକଟରେ ପହଂଚାଇ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମରେ ଆପଣମାନଙ୍କର ଓ ଜନଗଣଙ୍କର ସହଯୋଗ ଆଶା କରୁଛୁ ବୋଲି ୪ ତାରିଖ ପୂର୍ବାହ୍ନ ୯ଘଟିକା ସମୟରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଶିକ୍ଷା ସୁରକ୍ଷା ମଂଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂ ଓ ପ୍ରତିମା ପଣ୍ଡା ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଏବଂ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନକୁ ଭେଟିବେ ବୋଲି କୁହାଯାଇଛି ।

# ବାଲେଶ୍ୱରରେ ପାଳିତ ହେଲା ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ

ବାଲେଶ୍ୱର (ନି.ପ୍ର.): ଆଜି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନହଟ ପରିସରରେ ’ଓଡ଼ିଆ ପକ୍ଷ’ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ । ଏ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ । ଏଥିରେ ସମ୍ମାନିତ ଅତିଥି ଭାବରେ ସଦର ବ୍ଲକ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ଯୋଗ ଦେଇଥିବା ବେଳେ ଏସଏମସିର ଅଧକ୍ଷ ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ଏସଏମସିର ସମସ୍ତ ସଭ୍ୟ,ସଭ୍ୟା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ, ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଥମେ ଜିଲ୍ଲାପାଳ ପୂଜା ଓ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଯଜ୍ଞ କାର୍ଯ୍ୟ ପରେ ଜିଲ୍ଲାପାଳ ଶିଶୁ ବାଟିକାରେ ପିଲାଙ୍କର ଖଡିଛୁଆଁ କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲାପାଳ ନିଜେ ଛୋଟ ଛୋଟ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ି ସାହାଯ୍ୟରେ ସ୍ଲେଟରେ ଲେଖା ଶିଖେଇ ଥିଲେ । ତାପରେ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ । ତାପରେ ୩୦ ଜଣ ନୂଆ ପିଲାଙ୍କୁ ବ୍ୟାଗ୍ ସହିତ ପଠନ ସାମଗ୍ରୀ ପ୍ରଦାନ କରିଥିଲେ । ପରିଶେଷରେ ସବୁଜ ପତାକା ଦେଖାଇ ଜିଲ୍ଲାର ଶିକ୍ଷା ରଥକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଶୁଭାରମ୍ଭ କରିଥିଲେ । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।





# ଫକୀରମୋହନ କଲେଜରେ ରାଜ୍ୟସ୍ତରୀୟ ପ୍ରାଣୀବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ




ବାଲେଶ୍ୱର, (ନି.ପ୍ର.) ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପ୍ରାଣୀବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଡକ୍ଟର ସୁଶୀଲ କୁମାର ଦତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ବିଶେଷ ଓ ନୂତନ ଉଭୟଙ୍କର ଓ ସରୀସୃପ ଉପରେ ଏକ ରୋଚକ ତଥ୍ୟାବଳୀ ଉପସ୍ଥାପନ କରିଥିଲେ ।ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ଅନିରୁଦ୍ଧ ବ୍ରହେରା ଆଲୋଚନା ଚକ୍ର ଉଦ୍ଘାଟନ କରିଥିଲେ ଓ ବିଭାଗର ମୁଖ୍ୟ ଫିରୋଜ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡକ୍ଟର ଦିଲ୍ଲୀପ କୁମାର ବେଜ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଅନ୍ୟତମ ଅଧ୍ୟାପକ ଶ୍ରୀ ସୌମ୍ୟରଞ୍ଜନ ସିଂ ଓ ଶ୍ରୀମତୀ ଡକ୍ଟର ଜଷ୍ମିନ ରାଉତ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ଡକ୍ଟର ଦତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପରିଶେଷରେ କୁମାରୀ ଶର୍ମିଷ୍ଠା ଲେଙ୍କା ଓଡ଼ିଆ ପକ୍ଷ ଉପଲକ୍ଷେ ଏକ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

# ଓଡ଼ିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନ ୯.୦୦ ଘଟିକା ସମୟରେ ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ‘ଓଡ଼ିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା‘ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ପୌରପାଳିକାର ମୁଖ୍ୟ ରାସ୍ତା ପରିକ୍ରମା କରି ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକୁ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ସମ୍ବନ୍ଧରେ ସଚେତନ କରିବା ସହ ଲିଫଲେଟ ପ୍ରଦାନ କରାଯାଇଥିଲା । ପ୍ଲାକାର୍ଡ ଓ ସ୍ଲୋଗାନ ମାଧମରେ ଜନସାଧାରଣ ଙ୍କୁ ସଚେତନ କରାଗଲା । ଏହି ପଦଯାତ୍ରାରେ ଜିଲ୍ଲା ଶ୍ରମ



ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ସହକାରୀ ଶ୍ରମ ଅଧିକାରିଣୀ/ଅଧିକାରୀ ଗଣ ଶିବଙ୍ଗି ହେମ୍ବ୍ରମ, କୁମାର ବାସୁଦେବ ପଣ୍ଡା, ଶୈଳସୂତା ଦାସ, ତୁଷାର କାନ୍ତ ଜେନା, କନିଷ୍ଠ ସହାୟକ ପ୍ରିୟବ୍ରତ ଦାସ ଓ ରାଜେନ୍ଦ୍ର ମାଝୀଙ୍କ ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ପ୍ରିଂଟ ମିଡ଼ିଆ ଓ ଇଲେକ୍ଟ୍ରୋନିକ ମିଡ଼ିଆର ସାମ୍ବାଦିକଗଣ ତଥା ଶ୍ରମିକ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜିଲ୍ଲା ସମେତ ସହରରେ ଗୁଡ୍ ଫ୍ରାଇଡେ ପାଳିତ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲା ସମେତ ସହରରେ ଯୀଶୁଙ୍କ ବଳିଦାନ ଦିବସ ଅର୍ଥାତ୍ ଗୁଡ୍ ଫ୍ରାଇଡ଼େ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଚର୍ଚ୍ଚରେ ବିଶ୍ୱ ଶାନ୍ତି ପାଇଁ ଯୀଶୁଙ୍କ ବାର୍ତାକୁ ଅନୁସରଣ କରାଯିବା ସହ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ରାଜପୁର, ରାଇବଣିଆ, ହାତୀଗଡ଼, କୁଶଗଡ଼, ରେମୁଣା, ମିତ୍ରପୁର ମେରିଲେକ୍, ବାଲିଆପାଳ, ବାଲେଶ୍ୱରର ସହରର ବାପ୍ଟିଷ୍ଟଚର୍ଚ୍ଚ, କ୍ୟାଥଲିକ୍ ଚର୍ଚ୍ଚ, ବାଲେଶ୍ୱର ଡାଏସେସ୍ ପରିସରରେ ଶୁଭ ଶୁକ୍ରବାର ଦିବସ ପାଳିତ ହୋଇଯାଇଛି । କ୍ୟାଥଲିକ୍ ଚର୍ଚ୍ଚ ପକ୍ଷରୁ ସୁଦୀପ୍ତ ପିଟରଙ୍କ ନେତୃତ୍ୱରେ ମୁଖ୍ୟ ଫାଦର ଆଇଜାକ୍ ଏବଂ ସାଜିସ୍ ଯୋଶେଫ୍, ଫାଦଲ ଲିଜୋ, ଫାଦର ଜର୍ଜଙ୍କ ନେତୃତ୍ୱରେ ମଣ୍ଡଳବାସୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ପ୍ରକାଶଯେ, ୩ ତାରିଖ ଅପରାହ୍ନରେ କ୍ୟାଥଲିକ ଚର୍ଚ୍ଚ ପରିସରରୁ ବିଶାଳ ଶୋଭାଯାତ୍ରା ସିନେମାଛକ, ଟାଉନହଲ୍, ଗୋପାଳଗାଁ ହୋଇ ପୁନଃ କାଳିମନ୍ଦିର ହୋଇ କ୍ୟାଥଲିକ୍ ଚର୍ଚ୍ଚ ପରିସରରେ ଶୋଭାଯାତ୍ରା ପହଂଚିଥିଲା । ଖ୍ରୀଷ୍ଟ ସମ୍ପ୍ରଦାୟ ପକ୍ଷରୁ ଏହି ଉତ୍ସବ ଜାକଜମକରେ ଜିଲ୍ଲାରେ ପାଳନ ହୋଇଥିବା ଖବର ମିଳିଛି । ସେହିପରି କାଳବୈଶାଖୀର ତାଣ୍ଡବ ସତ୍ତ୍ୱେ ବାପ୍‌ଟିଷ୍ଟ ଚର୍ଚ୍ଚ ପରିସରରେ ମଧ୍ୟ ଖ୍ରୀଷ୍ଟ ସମ୍ପ୍ରଦାୟ ପରିବାର ପକ୍ଷରୁ ପ୍ରାର୍ଥନା ସଭା କରାଯାଇ ବିଶ୍ୱ ଶାନ୍ତି ନିମନ୍ତେ ଯୀଶୁଙ୍କୁ ଆରାଧନା କରାଯାଇଥିଲା । ଏହି ସମୟରେ ବାଇବେଲ୍ ପାଠ ମଧ୍ୟ କରାଯାଇଥିବାର ଖବର ମିଳିଛି ।






# ବାଲେଶ୍ୱରରେ ଆରମ୍ଭ ହେଲା ‘ପ୍ରବେଶ ଉତ୍ସବ’ ଓ ‘ଖଡ଼ିଛୁଆଁ’ କାର୍ଯ୍ୟକ୍ରମ





ବାଲେଶ୍ୱର(ନି.ପ୍ର.) ଓଡିଶା ଦିବସ ଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପାଳିତ ହେଉଥିବା ଓଡିଆ ପକ୍ଷ ଅବସରରେ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିଶୁଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ବାଲେଶ୍ୱର ସହରର ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସେ ପିଲାଙ୍କୁ ଖଡ଼ି ଧରାଇ ସିଲଟ ପଟାରେ ବିଦ୍ୟା ଆରମ୍ଭ ସହ ସେମାନଙ୍କୁ ସ୍କୁଲ ବ୍ୟାଗ ବଂଟନ କରିଥିଲେ । ଏହି ଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲରେ ପ୍ରଥମ କରି ପାଦ ଦେଉଥିବା ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ ହେବେ ଏବଂ ସ୍କୁଲରେ ପ୍ରଥମ ଦିନର ଅନୁଭୂତି ଜୀବନବ୍ୟାପୀ ସେମାନଙ୍କ ସ୍ମରଣୀୟ ହୋଇ ରହିବ ବୋଲି ବିଧାୟକ ଶ୍ରୀ ଦତ କହିଥିଲେ । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ‘ପ୍ରବେଶ ଉତ୍ସବ’ ଏବଂ ‘ଖଡ଼ି ଛୁଆଁ’ କାର୍ଯ୍ୟକ୍ରମ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ ଶ୍ରୀ ଦତ ପ୍ରକାଶ କରିଥିଲେ । ପିଲାଙ୍କୁ ସର୍ବୋତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଶିଶୁ ବାଟିକାର ଭିତିଭୂମୀ ଉପରେ ନୂତନ ପିଢିର ଭବିଷ୍ୟତ ନିର୍ଭର କରୁଛି । ତେଣୁ ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟ ବୋଲି ରାଜ୍ୟ ସରକାରଙ୍କ ସମସ୍ତ ପଦକ୍ଷେପ ନେଉଥିବା ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ଏହି ଅବସରରେ ଶିଶୁବାଟିକାର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟ ଉପକରଣ ଓ ବ୍ୟବସ୍ଥାକୁ ବିଧାୟକ ଶ୍ରୀ ଦତ ବୁଲି ଦେଖିଥିଲେ । ଏହା ସହିତ ‘ସଭିଏଁ ସ୍କୁଲ ଯିବା’ ଓ ‘ବିଦ୍ୟାବନ୍ତ ବିଦ୍ୟାର୍ଥୀ ବିକଶିତ ଓଡିଶା’ ଶୀର୍ଷକ ବାର୍ତାକୁ ନେଇ ଏକ ସଚେତନତା ରଥକୁ ପତାକା ଦେଖାଇ ସେ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧରେ ବାଲେଶ୍ୱର ପୌର ପରିଷଦର କାଉନସିଲର ପ୍ରୀତିଲତା ସେଠୀ, ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ବସନ୍ତ କୁମାର ନାୟକ ସଦର ବ୍ଲକ ବିଇଓ ଶ୍ରୀ ଜଗନେଶ୍ୱର ଜେନାଙ୍କ ସହ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସଂଖ୍ୟାଧିକ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବାୟୁ ସେନା ସଂଗଠନର ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ପାଳିତ ହେଲା ଉତ୍କଳ ଦିବସ

ବାଲେଶ୍ୱର(ନି.ପ୍ର.) ବାୟୁସେନା ସଂଗଠନର ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ଗତକାଲି ଉତ୍କଳ ଦିବସ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ସଂଘର ସଭାପତି ଶିବଦାସ କୁଣ୍ଡୁ ପୌରୋହିତ୍ୟ କରିଥିଲେ । ମଂଚାସୀନ ସଦସ୍ୟମାନଙ୍କ ମଧରେ ବରିଷ୍ଠ ସଦସ୍ୟ ବଂଶୀଧର ସାହୁ, ଅଶ୍ୱିନୀ କୁମାର ବର୍ଦ୍ଧନ, ଅଶୋକ କୁମାର ଦାଶ ଓ ସଂପାଦକ ମହେଶ୍ୱର ବେହେରା ଉପସ୍ଥିତ ରହି ଓଡ଼ିଆ ଭାଷା ପ୍ରୟୋଗ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଆ ଭାଷା ଆନ୍ଦୋଳନର ସଂକ୍ଷିପ୍ତ ଇତିହାସ, ବରେଣ୍ୟ କବି, ଲେଖକ, ସାହିତ୍ୟିକ ମାନଙ୍କର ଭାଷା ପ୍ରତି ଥିବା ସଂଘର୍ଷ ଓ ସେବା ଉପରେ ଆଲୋକ ପାତ କରିଥିଲେ । ଓଡ଼ିଆ ଭାଷାକୁ ରକ୍ଷା କରିବା ଏବଂ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ହୋଇଥିବା ଆନ୍ଦୋଳନ ଉପରେ ଆଲୋଚନା କରାଯାଇଥିଲା । ବାୟୁସେନାରେ ଭାରତର ବିଭିନ୍ନ ରାଜ୍ୟରେ ଚାକିରି କରିଥିବା ସମୟରେ ଓଡ଼ିଆ ଭାଷାର ପ୍ରୟୋଗ, ପ୍ରଚାର ଓ ପ୍ରସାର



ଦିଗରେ ସଦସ୍ୟ ମାନଙ୍କର ଯେଉଁ ଅବଦାନ ଥିଲା, ସେଥିପାଇଁ ସମସ୍ତେ ଧନ୍ୟବାଦର ପାତ୍ର ବୋଲି ସମସ୍ତେ ସ୍ୱୀକାର କରିଥିଲେ ।ଏହି ଶୁଭ ଅବସରରେ ଆମ ବାୟୁସେନାର ମହିଳା ସଂଗଠନ ’ସଙ୍ଗିନୀ’ ତରଫରୁ ଏକ ସୁନ୍ଦର ସାଂସ୍କୃତିକ କାର୍ଯକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ସର୍ବଶ୍ରୀ ମିନତି ସାହୁ, ଅନିମା ନାୟକ, ବେବି ପତି, ଅନୁପମା ଜେନା, ଅନ୍ନପୂର୍ଣ୍ଣା ସ୍ୱାଇଁ, ମାଳତୀ ମିସ୍ତ୍ରୀ, ବୈଜୟନ୍ତୀ ଦେ, ଅନୁପମା ଜେନା, ପୁଷ୍ପା ମହନ୍ତ, ଅପର୍ଣ୍ଣା ବେହେରା, ଜ୍ୟୋସ୍ନା ମହାପାତ୍ର ଓ ତାଙ୍କ ସହିତ ସଦସ୍ୟ ମାନଙ୍କ ମଧରୁ ବିଷ୍ଣୁ ଚରଣ ମହାପାତ୍ର, ରାଜେଶ ସାହୁ, ଅଶୋକ କୁମାର ଦାଶ, ଦେବେନ୍ଦ୍ର କୁମାର ସ୍ୱାଇଁ, ଶ୍ୟାମସୁନ୍ଦର ମିସ୍ତ୍ରୀ, ନବ କିଶୋର ମହାରଣା, ଉମାକାନ୍ତ ମହାପାତ୍ର, ପଦ୍ମଲୋଚନ ବେହେରା, ସ୍ୱପ୍ନା କୁଣ୍ଡୁ ଆଦି ଭାଗ ନେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସଦସ୍ୟ ବାସୁଦେବ ନାୟକଙ୍କ ସୁପୁତ୍ରୀ ବିଦିଶା ନାୟକଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ । ସଦସ୍ୟ ଓ ସଦସ୍ୟାମାନେ ପରିବେଷଣ କରିଥିବା ସମବେତ ନୃତ୍ୟ, ସମବେତ ସଙ୍ଗୀତ ଖୁବ୍ ଆକର୍ଷଣୀୟ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ଆୟୋଜନ କରିବାରେ ବରିଷ୍ଠ ସଦସ୍ୟ ରାଜ କିଶୋର ଜେନା, ରଘୁନାଥ ପଣ୍ଡା, ଅଶୋକ କୁମାର ଦାଶ, ବିସ୍ମୟ କୁମାର ଦେ, ରାଜେଶ ସାହୁ ଆଦି ମୁଖ୍ୟ ଭୂମିକା ନିଭାଇଥିଲେ । ଆମର ସଦସ୍ୟା ମୁକ୍ତି ଦାସ ସୁନ୍ଦର ଭାବରେ ସୁମଧୁର ଭାଷାରେ ମଂଚ ପରିଚାଳନା କରିଥିଲେ । ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ସବୁ କାର୍ଯକ୍ରମ ଓଡ଼ିଆ ଭାଷାରେ ଅୟୋଜନ କରାଯାଇଥିଲା ଏବଂ ସବୁ ସଦସ୍ୟ ଓ ସଦସ୍ୟା ମାନେ ଓଡ଼ିଆ ଭାଷାରେ କଥୋପକଥନ କରିଥିଲେ ।ଶେଷରେ ସଭାରେ ଉପସ୍ଥିତ ସମସ୍ତ ବାୟୁସେନା ସଂଗଠନ ର ସଦସ୍ୟ ଓ ସଦସ୍ୟା ମାନେ ନିଜ ମାତୃଭାଷାକୁ ଅଧିକ ରୁ ଅଧିକ ଗୁରୁତ୍ୱ ଦେବାକୁ ପଣ କରିଥିଲେ ଓ ସଭା ସମାପ୍ତ ହୋଇଥିଲା । ଏହି ଉତ୍ସବରେ ପ୍ରଶାନ୍ତ କୁମାର ଜେନା ଓ ତାଙ୍କ ସହଧର୍ମିଣୀ, ଏଂ ପ୍ରହଲ୍ଲାଦ ମହାନ୍ତି ଓ ତାଂକ ସହଧର୍ମଣୀ ଚନ୍ଦନା ମହାନ୍ତି, ସୁମଧୁର ସ୍ୱରରେ ଗୀତ ପରିବେଷଣ କରି ଅତିଥି ମାନଙ୍କୁ ଆପ୍ୟାୟିତ କରିଥିଲେ ।

# ବାଲେଶ୍ୱର ବାର୍‌ର ଶପଥପାଠ ଉତ୍ସବ

ବାଲେଶ୍ୱର(ନି.ପ୍ର.)୪ତାରିଖ ଅପରାହ୍ନରେ ବାଲେଶ୍ୱର ବାର ୨ ନଂ କକ୍ଷ ପରିସରରେ ଗତ ୨୮ ତାରିଖ ଦିନ ବାର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଓ ନିର୍ବାଚିତ କର୍ମକର୍ତାଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବାରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ଆଇନଜୀବୀ ସମ୍ଭୁନାଥ ମହାନ୍ତି, ପ୍ରତାପ ପଣ୍ଡା ଓ ବାର ନିର୍ବାଚନ ଅଧିକାରୀ କାର୍ତିକ ପ୍ରସାଦ ସି ପ୍ରମୁଖ ଯୋଗ ଦେଇଥିଲା ବେଳେ ପୂର୍ବରୁ ଯେଉଁଭଳି ୩ବର୍ଷକୁ ଥରେ ନିର୍ବାଚନ ହେଉଥିଲା ତାହା କାର୍ଯ୍ୟକାରୀ କରାଇବା, ହବ୍ ପ୍ରତିଷ୍ଠା ଓ ବାରର ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକ ସୁଚାରୁ ରୂପେ ଯୁଦ୍ଧକାଳୀନ ଭିତିରେ କରାଯିବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ ।



# ଏମ୍.ସି.ଏଲରେ ପାଳିତ ହେଲା ୩୫ତମ ପ୍ରତିଷ୍ଠା ଦିବସ




ସମ୍ବଲପୁର(ନିପ୍ର) : ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ଚମତ୍କାର ପ୍ରଦର୍ଶନକୁ ପାଳନ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ଶୁକ୍ରବାର ଦିନ ଏହାର ୩୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ଏହି ଅବସରରେ କମ୍ପାନୀ ମୁଖ୍ୟାଳୟରେ 'ରନ୍ ଫର୍ ଏକ୍ସେଲେନ୍ସ'ରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମସ୍ତ ନିର୍ଦ୍ଦେଶକ, ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି), କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏମ୍.ସି.ଏଲର ସିଏମଡି ଉଦୟ ଅନନ୍ତ କାଓଲେ କମ୍ପାନୀର ୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଏମ୍.ସି.ଏଲ୍ ପରିବାରକୁ ଶୁଭେଚ୍ଛା ଜଣାଇବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ଅତ୍ୟନ୍ତ ଆନନ୍ଦ ଏବଂ ସନ୍ତୋଷର ବିଷୟ ଯେ ଆମର କମ୍ପାନୀ ଭଲ ପ୍ରଦର୍ଶନ ଜାରି ରଖିଛି ଏବଂ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । କମ୍ପାନୀର ପୂର୍ବତନ ନେତୃତ୍ୱଙ୍କ ଅବଦାନ ପାଇଁ କୃତଜ୍ଞତା ବ୍ୟକ୍ତ କରି କାଓଲେ ଦେଶର ଶକ୍ତି ଆବଶ୍ୟକତା ପୂରଣରେ ଏମ୍.ସି.ଏଲକୁ ନିରନ୍ତର ସମର୍ଥନ ପାଇଁ କୋଇଲା ମନ୍ତ୍ରଣାଳୟ, କୋଲ ଇଣ୍ଡିଆ, ଓଡ଼ିଶା ରାଜ୍ୟ ପ୍ରଶାସନ, ଜନ ପ୍ରତିନିଧି ଏବଂ ଟ୍ରେଡ ୟୁନିଅନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ପୂର୍ବତନ ସି.ଏମ୍.ଡି. ମାନେ କୋଇଲା କ୍ଷେତ୍ର ସହ ଜଡ଼ିତ ସମସାମୟିକ ପ୍ରସଙ୍ଗ-କୋଇଲା ଚାହିଦା, ସମ୍ବଳର ସର୍ବୋତମ ଉପଯୋଗ ପାଇଁ ରଣନୀତି ଇତ୍ୟାଦି ଉପରେ ନିଜର ମତ ରଖିଥିଲେ । ଏହି ଅଧିବେଶନରେ ମୁଖ୍ୟାଳୟ ସହିତ ବିଭିନ୍ନ ପରିଚାଳନା କ୍ଷେତ୍ରର ଅଧିକାରୀ, କର୍ମଚାରୀ ଏବଂ ଟ୍ରେଡ ୟୁନିଅନର ପ୍ରତିନିଧିଗଣ ସାମିଲ ହୋଇଥିଲେ । ପୂର୍ବତନ ସି.ଏମ.ଡି ଏ.ଆର୍ ଶର୍ମା, ଏସ୍.ଏନ୍ ଶର୍ମା, ଏସ୍.ଆର୍ ଉପାଧ୍ୟାୟ, ଏ. ଏନ୍ ସହାୟ, ଏ.କେ ଝା, ଆର.ଆର୍ ମିଶ୍ର, ବି.ଏନ୍ ଶୁକ୍ଲା, ପି.କେ ସିହ୍ନା ଏବଂ ଶ୍ରୀ ଓ.ପି. ସିଂହଙ୍କ ସହିତ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ପି.କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ; ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏସ୍.କେ ଝା, ନିର୍ଦ୍ଦେଶକ (ବୈଷୟିକ) ଏହି ଅବସରରେ ଉପସ୍ଥିତ ଥିଲେ । 'ଷ୍ଟାର ନାଇଟ୍' କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା, ଯେଉଁଥିରେ ପ୍ରସିଦ୍ଧ ବଲିଉଡ ଗାୟକ ପଦ୍ମଶ୍ରୀ ସୋନୁ ନିଗମ ଏକ ଲାଇଭ୍ କନ୍ସର୍ଟରେ ନିଜର ଚମତ୍କାର ପ୍ରଦର୍ଶନ ସହିତ ସମାବେଶକୁ ମନ୍ତ୍ରମୁଗ୍ଧ କରିଥିଲେ ।

# ନାଇସ୍ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ

ବେତନଟୀ(ନିପ୍ର) : ବେତନଟୀ ବ୍ଲକ୍ ଅନ୍ତର୍ଗତ ନଡପୁର ଗ୍ରାମ ପଂଚାୟତ ଅଧିନସ୍ଥ ଖଂଟାରେ ନାଇସ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଅଧ୍ୟକ୍ଷ ଡ. ଅରୁଣ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇ ଅତିଥି ବୃନ୍ଦଙ୍କୁ ସ୍ୱାଗତ କରାଯାଇ ଥିଲା । ସନ୍ତୋଷ କୁମାର ଖଣ୍ଡା ମଂଚ ପରିଚାଳନା କରିଥିଲେ, ବିଦ୍ୟାଳୟର ପୁରୋଧା ନିତ୍ୟାନନ୍ଦ ସାହୁ ବିଦ୍ୟାଳୟର କାର୍ଯ୍ୟକଳାପ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଭାବରେ ତୁଷାର କାନ୍ତ ମହାପାତ୍ର ଅଧ୍ୟକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗରୁଡ଼ ବସା, ମୁଖ୍ୟ ବକ୍ତା - ରଜତ କୁମାର ଦାଶ ପ୍ରଧାନ ଶିକ୍ଷକ ଆଶ୍ରମ ସ୍କୁଲ ରାଇକମା, ସମ୍ମାନୀୟ ଅତିଥି ସଞ୍ଜୁକ୍ତା ଜୀ ପ୍ରାକ୍ତନ ଅଧକ୍ଷା ବେତନଟୀ ମହାବିଦ୍ୟାଳୟ, ଚିନ୍ମୟୀ ମହାପାତ୍ର ପ୍ରଧାନଶିକ୍ଷୟତ୍ରୀ ନଡପୁର ଉଚ୍ଚବିଦ୍ୟାଳୟ, ବିଷ୍ଣୁଚରଣ ସାହୁ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ବରିଷ୍ଠ ସାମ୍ବାଦିକ, ସନ୍ତୋଷ କୁମାର ପାଣି ଅବସର ପ୍ରାପ୍ତ ଅଧ୍ୟାପକ, ସୁବାସ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ କଠୋର ପରିଶ୍ରମ କରି କର୍ତବ୍ୟ ନିଷ୍ଠା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବାପାଇଁ ପରାମର୍ଶ ଦେଇଥିଲେ । ଛାତ୍ର ଛାତ୍ରୀ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତା କର୍ଷକ ନୃତ୍ୟ, ସଙ୍ଗୀତ ପ୍ରଦାନ କରାଯାଇ ଥିଲା, ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରାବଣୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବଶେଷରେ କୃପାଞ୍ଜନ ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଉଦଳା ତାଲୁକ ଆଇନ ସହାୟତା କମିଟିର ସଚେତନତା କାର୍ଯ୍ୟକ୍ରମ

ଉଦଳା(ନିପ୍ର) : ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଜି ଉଦଳା ସନ୍ଧାନ ଗୃହ ପରିସରରେ ଆଦିବାସୀ, ହରିଜନଙ୍କ ଉପରେ ହେଉଥିବା ହିଂସାତ୍ମକ ଅତ୍ୟାଚାର ଓ କର୍ମଜୀବୀ ମହିଳାମାନଙ୍କ ଉପରରେ ହେଉଥିବା ଯୌନ ଶୋଷଣ ଓ ଏହାର ଆଇନଗତ ଦିଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ଉଦଳା ଅତିରିକ୍ତ ଜିଲା ଜଜ ତଥା ତାଲୁକ ଆଇନ ସହାୟତା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱ କରି ତାଲୁକ ଆଇନ ସହାୟତା ର କାର୍ଯ୍ୟଧାରା ଓ ଆଦିବାସୀ, ହରିଜନ ଙ୍କ ଉପରେ ହେଉଥିବା ହିଂସାତ୍ମକ ଅତ୍ୟାଚାର ଓ କର୍ମଜୀବି ମହିଳା ଙ୍କ ପ୍ରତି କର୍ମ କ୍ଷେତ୍ରରେ ଯୌନ ଶୋଷଣ ସମ୍ପର୍କରେ ଥିବା ଆଇନ ସହାୟତା ବ୍ୟବସ୍ଥା ଦିଗରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡା, ଉପଖଣ୍ଡ ଓକିଲ ସଂଘ ସମ୍ପାଦକ ରଜତ କୁମାର ମହାପାତ୍ର, ସିଡିପିଓ ସିପ୍ରା ମହାପାତ୍ର, ରିଟେନର ମକରନ୍ଦ ପୋଲେଇ, ଆଇନଜୀବୀ ନିରାକାର ମହାପାତ୍ର, ମହିଳା ଆଇନଜୀବୀ ହରପ୍ରିୟା ହଁସଦା ଓ ବହୁ ଆଇନଜୀବୀ ଏ ସମ୍ପର୍କରେ ବିସ୍ତୃତ ଆଇନ ଦିଗ ସମ୍ପର୍କରେ ଆଲୋଚନା ଓ ସହାୟତା ପାଇଁ ଥିବା ମାଧ୍ୟମ ସମ୍ପର୍କରେ ବୁଝାଇଥିଲେ । ଆଇନଜୀବୀ କମଳା କାନ୍ତ ମହାନ୍ତି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ବହୁ ସାଧାରଣ ମହିଳା ଯୋଗ ଦେଇଥିଲେ । ତାଲୁକ ଆଇନ ସହାୟତା କମିଟିର ସନତ କୁମାର ସେଠୀ ଓ ବିଚାର ବିଭାଗୀୟ କର୍ମଚାରୀ ଆୟୋଜନରେ ସହାୟତା କରିଥିଲେ ।

# ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ



ଜଗତସିଂହପୁର(ନିପ୍ର) : ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଠାରୁ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ ଅନୁଯାୟୀ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ବାଧ୍ୟତା ମୂଳକ । ଯେଉଁମାନେ ଏହି ନିୟମର ଉଲ୍ଲଂଘନ କରିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିରେ ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି । ଏଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ ହୋଇ ନିର୍ଭୁଲ ଏବଂ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ନାମଫଳକ ଲେଖି ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ନିଜ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ଲେଖନ୍ତୁ । ଏହି କ୍ରମରେ, ଅଦ୍ୟ ତା ୦୪.୦୪.୨୦୨୬ ରିଖରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ଜଗତସିଂହପୁର ତରଫରୁ ଓଡିଆ ପକ୍ଷ ପାଳନ ଅବସରରେ "ଓଡିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬" ଅନୁଯାୟୀ, ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି । ଏଥିସହିତ ଏକ ସଚେତନତା ରଥ କୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମହୋଦୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବାବା ଆନନ୍ଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଶିବ ନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ), ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଅର୍ଚ୍ଚିତା ସାହୁ, ଶାନ୍ତନୁ କୁମାର ବ୍ରହ୍ମା, ଶ୍ରୀମତୀ ମହାଶ୍ୱେତା ସ୍ୱାଇଁ, ଦେବାଶିଷ ମିଶ୍ର ଓ ଅନ୍ୟ ସମସ୍ତ କର୍ମଚାରୀଗଣ ଏହି ସଚେତନତା ପଦଯାତ୍ରାରେ ଅଂଶ ଗ୍ରହଣ କରି ଜଗତସିଂହପୁର ସହର ପରିକ୍ରମା କରିଥିଲେ ।

# ସଡ଼କ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର : ପ୍ରତିବାଦରେ ରାସ୍ତା ରୋକ




ଧାମନଗର(ନିପ୍ର) : ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧିନ ଭଣ୍ଡାରିପଦୀ ଛକ ନିକଟରେ ଶନିବାର ସକାଳ ୮ ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇ କଟକ ଡ଼ାକ୍ତରଖାନା ଚିକିତ୍ସା ପାଇଁ ପଠାଯାଇଛି । ଧାମନଗର ଛକ ପଟୁ ଏକ ବାଇକ୍ ନଂ ଓ ଡି ୧୯ ଏସ ୬୫୩୦ ରେ ତିନି ଜଣ ଆସୁଥିବା ବେଳେ ଏକ ଟ୍ରାକ୍ଟର ନଂ ଓଡ଼ି ୨୨ ଏମ ୦୭୮୩ ସହ ବାଇକ ର ମୁହାଁମୁହିଁ ଧକ୍କା ହେବା ଯୋଗୁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକ ଦ୍ୱୟ ହେଲେ ସେକ ଆର୍ମାନ୍ ଓ ସେକ୍ ଆଜମେର୍ ଅନ୍ୟ ଆହତ ହେଲେ ସେକ ସାବିର । ଏମାନଙ୍କ ଘର ସ୍ଥାନୀୟ ହବିବନଗର ଗ୍ରାମରେ । ସାବିରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ପରେ ଟ୍ରାକ୍ଟର ଓ ବାଇକ୍ କୁ ପୋଲିସ ଜବତ କରି ଥାନା କୁ ଆଣିଛି । ଟ୍ରାକ୍ଟର ଡ୍ରାଇଭର ଫେରାର ଅଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ପ୍ରଶାସନିକ ଅବହେଳାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ପୋଲିସ ଥାନା କେସ ନଂ ୧୫୨/୨୬ ରେ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଇଛି । ତେବେ ଶବ ବ୍ୟବଚ୍ଛେଦ ହୋଇ ଭଦ୍ରକ ରୁ ଫେରିବା ପରେ ଧାମନଗର ବିଜ୍ଞାପିତ ଅଂଚଳ ର ହବିବ ନଗର ଛକ ଠାରେ ଗ୍ରାମ ବାସୀ ରାସ୍ତା ଉପରେ ଶବ ରଖି ରାସ୍ତାରୋକ କରିଥିଲେ । ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ ଘଟଣା ସ୍ଥଳେ ପହଂଚି ଲୋକମାନଙ୍କୁ ବୁଝାସୁଝା କରି ରେଡ୍ କ୍ରସ ପାଣ୍ଠି ରୁ ମୃତକ ଙ୍କ ପରିବାର କୁ ୨୦ ହଜାର ଟଙ୍କା ଲେଖା ଦିଆଯାଇଥିଲା । ସରକାରୀ ସ୍ତରରେ ଆଉ କଣ ହୋଇପାରିବ ବୁଝାସୁଝା କରି ବ୍ୟବସ୍ଥା କରାଯିବ ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକ୍ ରୁ ଲୋକେ ଉଠିଥିଲେ । ଗୋଟିଏ ସ୍ଥାନରେ ଦୁଇଟି ଦୁର୍ଘଟଣା, ଦୁଇ ମୃତ ଧାମନଗର ଅଂଚଳରେ ପ୍ରଶାସନିକ ଅବହେଳା ଯୋଗୁଁ ଦୁର୍ଘଟଣାରେ ରକ୍ତ ଭିଜିଛି ରାସ୍ତା । ସୂଚନା ଅନୁଯାୟୀ, ବୟାଙ୍ଗଡିହ ପଂଚାୟତର ବାସନ୍ତୀ ଦୁର୍ଗା ପୂଜା ଉପଲକ୍ଷେ ନୂଆ ହାଟ ମେଳଣ ପଡ଼ିଆରେ ଆଜି ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଗଣେଶ ଅପେରାର ସରଞ୍ଜାମ ନେଇ ଯାଉଥିବା ଏକ ଟ୍ରକ୍ (ଡଉ-୦୧-ର୍‌-୪୩୯୨) ସକାଳେ ଘଟିଥିବା ଦୃଘଟନା ସ୍ଥଳରେ ସନ୍ଧ୍ୟା ରେଟ୍ରକ ଓଲଟି ପଡ଼ିଛି । ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗାଡ଼ିଟିର ବହୁତ କ୍ଷତି ହୋଇଛି । ସକାଳେ ଦୁଇ ଯୁବକଙ୍କ ଜୀବନ ଯିବା ପରେ ପୁଣି ସମାନ ସ୍ଥାନରେ ଟ୍ରକ ଓଲଟିବା ଘଟଣା ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ତୁରନ୍ତ ରାସ୍ତା ମରାମତି ନହେଲେ ଆଗକୁ ଆହୁରି ବଡ଼ ବିପଦ ଘଟିବାର ଆଶଙ୍କା ରହିଛି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମୁନିସିପାଲିଟିରେ ଜନଗଣନା ପ୍ରଶିକ୍ଷଣର ଶୁଭାରମ୍ଭ

ନୟାଗଡ଼(ନିପ୍ର) : ଭାରତର ଜନଗଣନା-୨୦୨୭ କାର୍ଯ୍ୟକ୍ରମ ଅନ୍ତର୍ଗତ ନୟାଗଡ଼ ମୁନିସିପାଲିଟି ଅଂଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଧିଷ୍ଟ ଏକପ୍ରଶିକ୍ଷଣ ଶିବିର ମୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ ଆଜିଠାରୁ ଆରମ୍ଭ ହୋଇଛି । ତିନିଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ରୋଜିନା ଦାସ ଏବଂ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ପୌରପାଳ ନିରୁପମା ଖଟେଇ ଯୋଗଦାନ କରି ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ନେହଲତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ସିଆରସିସି ପ୍ରଦୀପ୍ତ କୁମାର ପଣ୍ଡା ଏବଂ ବ୍ରଜକିଶୋର ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ସହଯୋଗୀ ଭାବେ ଦିଗାମ୍ବର ପ୍ରଧାନ, ଶିଶିର କୁମାର ମହାପାତ୍ର ଏବଂ ଗଜେନ୍ଦ୍ର କୁମାର ମହାରଣା ରହିଥିଲେ । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୫ ତାରିଖରୁ ମଇ ୧୫ ପର୍ଯ୍ୟନ୍ତ ମୁନିସିପାଲିଟି ଅନ୍ତର୍ଗତ ୧୬ଟି ୱାର୍ଡରେ ଥିବା ସମସ୍ତ ବାସୋପଯୋଗୀ ଗୃହ ଗୁଡ଼ିକର ଚିହ୍ନଟ ଏବଂ ଗଣନା ସହିତ ସେଗୁଡିକର ତାଲିକା କରାଯିବ ।

No. 19001/2/2627

Government of Odisha,
Department of Panchayati Raj & Drinking water,
Office of the Panchayat Samiti, Bhadrak.

**Invitation of Bids (IFB)**
Bid Identification No. PSB- 18 /2025-26
e-mail:-ori-bbhadrak @nic.in FAX/TEL: *********

Bid documents consisting of work, estimated amount for put to tender, cost of tender paper, , time of completion, class of contractor, the set of terms & conditions of contract and other necessary documents can be seen from the office of Panchayat Samiti, Bhadrak..

| | | | |
|---|---|---|---|
| 1 | Name of the work | : | As Per DTCN. |
| 2 | No of works | : | 1 no's of package. |
| 3 | Estimated cost for put to tender | : | AS Per DTCN |
| 4 | Period of completion | : | 06 Calendar Months each |
| 5 | Date & time of availability of bid documents | : | From 02.04.2026 at 10.30 am hours to 20.04.2026 at 11.00 am. Hours |
| 6 | Last date/ time for receipt/drop of bi in the office. | : | 20.04.2026 at 11.00am. |
| 7 | Date of opening of Bids | : | 20.04.2026 at 03.00PM Hours |
| 8 | Class of Contractor | : | "C" & "D" Class |
| 9 | Name of the Officer Inviting Bids | : | Block Development Officer, Panchayat Samiti Bhadrak. |

Further details can be seen from the office of Panchayat Samiti, Bhadrak on working hours. Any addendum/ corrigendum/ cancellation of tender can also be seen at the office of the undersigned. The detailed information is also available on district website "https://bhadrak.odisha.gov.in"

Sd/-
Block Development Officer,
Panchayat Samiti, Bhadrak

OIPR. 19001/19031/1/26-27/0001

# ରାଧାନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳିତ



ସୋର(ନିପ୍ର) : ଓଡ଼ିଶା ସରକାରଙ୍କ ଯୋଜନା ଆଧାରରେ ସୋର ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ୨୦୨୬, ସୋର ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ରାଧାନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇ ଅଛି । ପୂର୍ବାହ୍ନ ଘ ୯.୦୦ଟିକା ସମୟରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସୋର ଶ୍ରୀଯୁକ୍ତ ମାଧବ ଧଡା ପତାକା ଦେଖାଇ ଶିକ୍ଷା ସଚେତନ ରଥର ଶୁଭ ଉଦ୍ଘାଟନ କରିଥିଲେ ଏବଂ ନୂତନ ଭାବେ ନାମ ଲେଖାଇଥିବା ଶିଶୁ ମାନଙ୍କର ଖଡ଼ିଛୁଆଁ କରାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ରାଧାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ସାହାଦତ୍ ଅଲ୍ଲୀ ଯୋଗ ଦେଇଥିଲେ । ସୋର ବ୍ଲକ୍‌ର ସମସ୍ତ ସି ଆର ସି ସି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାନ୍ୟବର ବିଧାୟକ ମାଧବ ଧଡା, ୪୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ୍ ଅଧକ୍ଷା ମଲ୍ଲିକ ଓ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ଭାଇ ଭଉଣୀ ମାନଙ୍କ ଖଡ଼ି ଛୁଆଁ କରାଇଥିଲେ । ଉକ୍ତ ଶିକ୍ଷା ସଚେତନ ରଥ ସୋର ବ୍ଲକ୍ ଅନ୍ତର୍ଗତ ସିମୁଳିଆ,ପାଖର ଓ ଅନନ୍ତପୁର ଆଂଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଗ୍ରାମଗୁଡ଼ିକ ପରିକ୍ରମଣ କରିଥିଲା ।











ଅନ୍ୟ ପ୍ରତି ବିଶ୍ୱାସ ସ୍ଥାପନ ନ କରିବା ସହଜ କଥା ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

# ଆଜିକାଲି



ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ:ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।

## ସାମାଜିକ ସୁରକ୍ଷା ଯୋଜନା

ଦେଶର ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ)ର ମୂଲ୍ୟାୟନ ଅନୁଯାୟୀ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି । ଆଇଏଲଓର ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିବା ନିଶ୍ଚିତ ଭାବେ ଏକ ସୌଭାଗ୍ୟ ବୋଲି କୁହାଯାଇପାରିବ । । ଆଇଏଲଓର ରିପୋର୍ଟ ଅନୁଯାୟୀ ଭାରତ ପ୍ରାୟ ୯୪କୋଟି ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଇଛି ଦେଶର ମୋଟ ଜନସଂଖ୍ୟାର ୬୪.୩ ପ୍ରତିଶତ ସାମାଜିକ ସୁରକ୍ଷାର ଅର୍ନ୍ତଭୁକ୍ତ ହୋଇଥିବାବେଳେ ୨୦୧୯ରେ ସେମାନଙ୍କ ସଂଖ୍ୟା ଥିଲା ୨୪.୪ ପ୍ରତିଶତ । ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ ଉତ୍ସାହଜନକ କିନ୍ତୁ ଏହା କେତେଦୂର ସତ୍ୟ, ସେ ନେଇ ବିସ୍ତୃତ ରିପୋର୍ଟର ଆବଶ୍ୟକ ରହିଛି । ଉଦାହରଣ ସ୍ୱରୁପ ନିୟମିତ ବେତନ କିମ୍ବା ମଜୁରୀ ପାଉଥିବା ୫୩.୪ ପ୍ରତିଶତ ଯେକୌଣସି ଗୋଟିଏ ହେଲେ ସାମାଜିକ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହୋଇନଥିବା କିମ୍ବା କୌଣସି ସୁବିଧା ସୁଯୋଗ ପାଉନଥିବା ପିରିଅଡିକ୍ ଲେବର ଫୋର୍ସ ସର୍ଭେ ପକ୍ଷରୁ ପ୍ରକାଶିତ ସର୍ବଶେଷ ରିପୋର୍ଟରେ କୁହାଯାଇଛି । ସାମାଜିକ ସୁରକ୍ଷା ଯୋଜନାରୁ ବଂଚିତଙ୍କ ସଂଖ୍ୟା ୨୦୨୩-୨୪ ସୁଦ୍ଧା ୫୩.୪ ପ୍ରତିଶତ ଥିଲା । ଏମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ମଧ୍ୟ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ଯୋଜନା ବା କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇନଥିବା କୁହାଯାଏ । ଏହାର ମୁଖ୍ୟ କାରଣ ହେଉଛି ଜନହିତକର ଯୋଜନାର ନୀତିନିୟମ ସେମାନଙ୍କ ବାର୍ଷିକ ଆୟ ମଧ୍ୟରେ ଆସୁନଥିବାରୁ ବଂଚିତ ହେବା ସାର ହେଉଛି । ଭାରତୀୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଅଣ ଆନୁଷ୍ଠାନିକ ସେକ୍ଟରରେ କାର୍ଯ୍ୟ କରୁଥିବାବେଳେ ସେମାନେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ମାତ୍ର ସର୍ଭେ କହେ ଯେ, ସେମାନଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାବେଳେ ଏହି ଯୋଜନାରେ ବଜେଟ ବ୍ୟୟ ବରାଦ ବୃଦ୍ଧି ପାଉନଥିବା ଯୋଗୁଁ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବଢୁନାହିଁ । ଏହା ନିସନ୍ଦେହ ଯେ, ସାମାଜିକ ସୁରକ୍ଷା ଯୋଜନା କାଗଜ ପତ୍ରରେ ସୀମିତ ରହିଛି କିନ୍ତୁ ବାସ୍ତବରେ ଏହା ଆଶାୟୀ ହିତାଧିକାରୀଙ୍କ ନିକଟରେ ପହଁଚିପାରିନାହିଁ । ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ସାମାଜିକ ସୁରକ୍ଷା କୋର୍ଡରେ ସାମାଜିକ ସୁରକ୍ଷା ପାଣ୍ଠି କେବଳ ଅସ୍ଥାୟୀ (ଗିଗ୍) ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆସନ୍ତା ୨୦୩୦ସୁଦ୍ଧା ସେମାନଙ୍କ ସଂଖ୍ୟା ୨୩.୫ ମିଲିଅନରେ ପହଁଚିବ । ତେବେ ସର୍ବନିମ୍ନ କେତେ ସଂଖ୍ୟକ ଅସ୍ଥାୟୀ କର୍ମଚାରୀ ଏହି ଯୋଜନାରେ ସାମିଲ ହେବେ, ସେ ନେଇ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ । ସେହିପରି ଘରୋଇ ସହାୟକ ଓ କୃଷିକ୍ଷେତ୍ରରେ କାମ କରୁଥିବା ଅଣ ଆନୁଷ୍ଠାନିକ ଶ୍ରମିକଙ୍କ ପାଇଁ ମଧ୍ୟ କିଛି କୁହାଯାଇନାହିଁ । କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଦେଶର ପ୍ରତ୍ୟେକ ରାଜ୍ୟରେ ବେଶ ଆଦୃତ ହୋଇଥିବା ବାର୍ଦ୍ଧକ୍ୟ ଭତା ଯୋଜନା (ଓଲଡଏଡ୍ ପେନସନ)ରେ କେନ୍ଦ୍ର ସରକାରଙ୍କ ଅଂଶଧନ ମାସିକ ମାତ୍ର ୨୦୦ଟଙ୍କା ରହିଛି, ଯାହାକି ୨୦୦୬ ପର୍ଯ୍ୟନ୍ତ ଦୈନନ୍ଦିନ ମଂଜୁରୀ ଠାରୁ କମ୍ । ଆଇଏଲଓର ତଥ୍ୟ ଅନୁଯାୟୀ ବ୍ରାଜିଲ ଦେଶବାସୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇବାରେ ତାଲିକାର ପ୍ରଥମ ସ୍ଥାନରେ ରହିଥିବାବେଳେ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ ସୁରକ୍ଷାର ଗ୍ୟାରେଂଟି ଦେଇ ଥିବା ବେଳେ ବେକାରୀ ଇନସ୍ୟୁରାନ୍ସକୁ ମଧ୍ୟ ବାଧତାମୂଳକ କରିଛି । କିନ୍ତୁ ଆମ ଦେଶରେ ବର୍ଦ୍ଧିତ ବେକାରୀ ଆହୁରି ଅସୁରକ୍ଷିତ କରି ଦେଇଛି । ତେବେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଥିବା ତୃଟିର ସଂଶୋଧନ କରି ଏହା ଯେପରି ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ ।

## ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ

◆ ଡ଼.ମନୋଜ କୁମାର ମହାନ୍ତି



ପ୍ରତ୍ୟେକ ସଭ୍ୟତାର ପ୍ରତୀକ ଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ତ୍ରରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶ୍ୱରେ ଗଢି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ,ସଂସ୍କୃତି ଓ ଦର୍ଶନର ଝଲକ ନିଶ୍ଚିତ ଦେଖିବାକୁ ମିଳେ । ଭାବନାର ପ୍ରତୀକଭାବେ ଭାଷା, ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବାପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ । ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅବସ୍ଥାନରେ ଥିବା ସାମାଜିକ ଚଳନୀ, ଜୀବନଶୈଳୀ, ରୀତିନୀତି, ପ୍ରଥାପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ । ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ୱ ଜୀବନଦର୍ଶନ । ଜୀବନ ଦର୍ଶନସହ ମଣିଷ ଓତଃପ୍ରୋତଭାବେ ଜଡ଼ିତ । ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତାର ମହତ୍ୱ ଜ୍ଞାନତତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି । ମାନବୀୟ ସ୍ଥିତିର ମହତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ । ବିଶ୍ୱ ଚିନ୍ତାଚେତନାର ପରିବର୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ୍ ଅସ୍ତ୍ରରୂପେ କାର୍ଯ୍ୟ କରିଆସିଛି । ବିଶ୍ୱର କୋଣଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଲବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ । ଯେବେଯେବେ ମାନବୀୟ ମହତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ । ସାମାଜିକ ବ୍ୟବସ୍ଥାକୁ ମଜବୁତ୍ ସହ ମଣିଷକୁ ଦିଗ୍-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ । ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ । ଦର୍ଶନର ମୂଳତତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି । ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ । ତତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ । ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ ।ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର । କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନଜଗତରୁ । ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ । ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନବିନା ବିଜ୍ଞାନର ଅସ୍ତିତ୍ୱବା କାହିଁ ? ଅର୍ଥାତ୍ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ । କାରଣ ସବୁର ଏକ ଶେଷସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ୱ ଆବିର୍ଭାବ ହୋଇଥାଏ । ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ । ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ । ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧ୍ୟାତ୍ମିକ ଜାଗରଣରେ ସମାପ୍ତ ହୁଏ । ସୃଷ୍ଟିର ଗୁଢ଼ ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା । ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ । ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି । ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ



ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି । ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ । ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ୍ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ । ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ । ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ । ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନପହଂଚାଇବାରେ ଏକ ପ୍ରତିଷେଧକ ଅଟେ । ମନର ପରିକଳ୍ପନା , ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତ୍ରିତ ପରିଭାଷା ହିଁ ଅହିଂସା । ପ୍ରେମ ଓ ସକାରତ୍ମକ୍ ଭାବନା ହିଁ ଅହିଂସା । ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତା କରିବା ଅହିଂସା ଅଟେ । ହିଂସା ମଣିଷକୁ ଓ ତା ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ । କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର । ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ । ଅହିଂସା ମାଧ୍ୟମରେ ଗାନ୍ଧୀ ସ୍ୱାଧିନତା ଆଣିବାରେ ସଫଳ ହୋଇଥିଲେ । ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜ ମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶି ବର୍ଷ କାରାବାସ କରିଥିଲେ । ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ । ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ, ନିରାକାର, ଚିରସବୁଜ । ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ୍ । ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା । ଏହାହିଁ ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ । ସତ୍ୟପଥରେ ପଥିକ ସର୍ବଦା ସଚ୍ଚୋଟ ପଣିଆକୁ ଏକ ଅସ୍ତ୍ରଭାବେ ବ୍ୟବହାର କରିଥାଏ । ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ କାରଣ ମିଥ୍ୟା ଓ ଭୟ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣାର କାରଣ । ଆସ୍ତେୟ ପଂଚ ମହାବ୍ରତର ଏକ ଅନ୍ୟ ଏକ ଆଚରଣ ବିଧି । ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ । ଏଥିରୁ ନିବୃତ ହେବା ନିହାତି ଜରୁରୀ ଓ ଏହାହିଁ ଆ ସ୍ତେୟ । ଆପରିଗ୍ରହ ଚତୁର୍ଥ ମହବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ । ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ ଅଟେ । ଲୋଭର ବଶବର୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ । ଖାଦ୍ୟ ଗ୍ରହଣ ଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ୍ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ ଉପୁଜେ ନାହିଁ । ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଂ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ । ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ । ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟ ମାନଙ୍କୁ ବିକାରଗ୍ରସ୍ଥ ଚିନ୍ତାଧାରାରୁ ନିବୃତ ରଖିବା ହିଁ ବ୍ରହ୍ମଚର୍ଯ୍ୟ । ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଜତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ । ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ । ଖାଦ୍ୟପେୟ,ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି । କାମ-କ୍ରୋଧ-ଲୋଭ-ମଦ- ମୋହ-ମାତ୍ସର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣରୂପେ ଗ୍ରହଣ କରିବାରେ ଲାଗିଛି । ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି । ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଖୁବ୍ ବେଗରେ ଧାବମାନ । ପ୍ରତିଦ୍ୱନ୍ଦିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତେଜନା ଓ ଚାପଗ୍ରସ୍ଥ ଜୀବନ ସୃଷ୍ଟି କରିଚାଲିଛି । ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ୱ ନିଶ୍ଚିତଭାବେ ଏକ ଉତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ ।

*ଦର୍ଶନ ବିଭାଗୀୟ ମୁଖ୍ୟ, ବି.ଏନ.ଏମ.ଏ ମହାବିଦ୍ୟାଳୟ, ଭଦ୍ରକ, ମୋ ୮୮୯୫୩୪୧୦୩୩*

## ଆସକ୍ତି,କାମନା ଓ ବାସନାର ଅନ୍ତ ଆନନ୍ଦର ପଥ

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ପ୍ରତ୍ୟେକ ଜୀବ ବା ମନୁଷ୍ୟର ଗୋଟିଏ ହିଁ ଲକ୍ଷ୍ୟ ଆନନ୍ଦ ପ୍ରାପ୍ତ କରିବା; ଅତଃ ସେ ସ୍ୱର୍ଦା ଆନନ୍ଦର ଅନ୍ୱେଷଣ କରିଥାଏ । କାରଣ ମନୁଷ୍ୟର ସ୍ୱଭାବ ହେଉଛି ଆନନ୍ଦର ସ୍ୱରୂପ । ସେ ନିଜର ଅଜ୍ଞାନତା ଯୋଗୁଁ ତା'ର ସ୍ୱରୂପର ବିସ୍ମୃତି ଘଟିଥାଏ କିନ୍ତୁ ସ୍ୱଭାବର ନୁହେଁ । ତେଣୁ ଆନନ୍ଦ ପାଇବା ପାଇଁ ଜୀବ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରେରିତ କରିଥାଏ । ଆମ୍ଭେମାନେ ଜାଣୁ ମନ ଏକ ଜଡ ପଦାର୍ଥ ଏବଂ ସେ ମାୟା ବା ପ୍ରକୃତିରୁ ଉତ୍ପତି ହୋଇଛି; ଏହି କାରଣରୁ ମନ ଜଗତରୁ ଅର୍ଥାତ୍ କୌଣସି ବ୍ୟକ୍ତି, ବସ୍ତୁ କିମ୍ବା ପରିବେଶରୁ ଯେଉଁ ମୋହ ବା ଲୋଭ ରଖି ବହୁବାର ସୁଖ ପାଇବା ପାଇଁ ଚେଷ୍ଟାକରେ ତାହାକୁ ଆସକ୍ତି କୁହାଯାଏ । ଏହାର ଆକ୍ଷରିକ ଅର୍ଥ ଭୋଗାଭିଳାଷ । ଯେ କି ମଣିଷକୁ ସଂସାରର ମାୟା ଜାଲରେ ବାନ୍ଧି ରଖେ । ତେଣୁ ଶ୍ରୀମଦ୍ ଭଗବଦ୍ଗୀତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଉଛି ଯେ: *ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ । ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍କ୍ରୋଧୋଽଭିଜାୟତେ* ।।୬୨।। ଅର୍ଥାତ୍ ମଣିଷର ଇନ୍ଦ୍ରିୟ ସମୂହମାନେ ଯେତେବେଳେ ଭୋଗ୍ୟବସ୍ତୁ ଗୁଡ଼ିକୁ ବାରମ୍ବାର ଚିନ୍ତନ କରିବା ଫଳରେ ତା' ପ୍ରତି ଆସକ୍ତି ଜାତହୁଏ । ସେହି ଆସକ୍ତିରୁ କାମନା ଏବଂ କାମନା ପୂର୍ଣ୍ଣ ନ ହେଲେ କ୍ରୋଧ ଜାତ ହୋଇଥାଏ । ଯେବେ ଆମେ କୌଣସି ଦ୍ରବ୍ୟକୁ ନିଜର ବୋଲି ଭାବି ତା' ସହିତ ମାନସିକ ସ୍ତରରେ ଜଡ଼ିତ ହୋଇଯାଉ, ସେତେବେଳେ ଆସକ୍ତି ଜନ୍ମ ନେଇଥାଏ । ଏହି ଆସକ୍ତିର ପରିମାଣ ଯେବେ ପ୍ରବଳ ମାତ୍ରାରେ ଇଚ୍ଛା ଜନ୍ମାଏ ତାହାକୁ କାମନା କୁହାଯାଏ । ଏହା ମୁଖ୍ୟତଃ ଶାରୀରିକ ବା ସାଂସାରିକ ସୁଖ ପାଇବା ପାଇଁ ମନରେ ବ୍ୟାକୁଳତା ସୃଷ୍ଟି କରିଥାଏ । ଏ ସମୟରେ ଯଦି ପ୍ରାରବ୍ଧର କର୍ମଫଳ ଶୁଭ ପ୍ରସବ କରେ, ତେବେ ଅନେକ ଅଭିଳାଷ ବା କାମନା ପୂର୍ତି ହୋଇଯାଏ । ଯଦି ପ୍ରାରବ୍ଧର କର୍ମଫଳ ଅଶୁଭ ପ୍ରସବ କରେ ତେବେ ଅଭିଳାଷ ଅପୂର୍ଣ୍ଣ ହୋଇ ରହିଯାଏ । ଯା'ଫଳରେ ସେ ପୁର୍ନବାର ପାଇବାକୁ ଇଚ୍ଛା କଲେ ମଧ୍ୟ ତାହା ଫଳବତୀ ହୁଏନାହିଁ । ଏ'ପରି ବାରମ୍ବାର ହେବାଦ୍ୱାରା କମନା ସଂସ୍କାର ରୂପେ ଅନ୍ତଃକରଣରେ ବାସ କରିନିଏ । ସେହି ସଂସ୍କାର ନାମ ହେଉଛି ବାସନା । ଏ ବାସନା ଜଣେ ମନୁଷ୍ୟର ଇହ (ବର୍ତମାନ) ଜନ୍ମର ସଂସ୍କାର ଏବଂ ଅନେକାନେକ ଜନ୍ମର ସଂସ୍କାରକୁ ନେଇ ଅନ୍ତଃକରଣରେ ସୂକ୍ଷ୍ମ ଭାବରେ ରହିଥାଏ । ଏହା ଫୁଲର ସୁବାସ ପରି ଅଦୃଶ୍ୟ ଭାବରେ ରହେ, ଯାହା ମଣିଷକୁ କର୍ମ କରିବା ପାଇଁ ପ୍ରେରିତ କରିଥାଏ । ଶାସ୍ତ୍ର ଅନୁଯାୟୀ, ମଣିଷର ମୃତ୍ୟୁ ହେଲେ ମଧ୍ୟ ତାର 'ବାସନା' ଶେଷ ହୁଏ ନାହିଁ । ଏହି ବାସନା ହିଁ ଜୀବାତ୍ମାକୁ ପୁନର୍ଜନ୍ମ ନେବା ପାଇଁ ବାଧ କରେ । ଯେ'ପରି ଗୋଟିଏ କପଡ଼ାରେ ଅତର ଢାଳିଦେଲେ ତାହା ଶୁଖି ଗଲାପରେ ମଧ୍ୟ ସୁଗନ୍ଧ ରହିଯାଏ, ସେହିପରି ଶରୀର ନଷ୍ଟ ହେଲେ ମଧ୍ୟ ମନର ବାସନା ରହିଥାଏ । ଏ ବାସନା ଦୁଇ ଭାଗରେ ବିଭକ୍ତ ଯଥା: ଶୁଭ ଓ ଅଶୁଭ । ଯେଉଁ ବାସନା ମଣିଷକୁ ଭକ୍ତି, ସେବା ଓ ପୁଣ୍ୟ କର୍ମ ଆଡ଼କୁ ଅଗ୍ରସର କରାଏ ତା'କୁ ଶୁଭ ଏବଂ ଯେଉଁ ବାସନା ମଣିଷକୁ ଭୋଗ-ବିଳାସ, କ୍ରୋଧ ଓ ଅଧର୍ମ ପଥକୁ ଟାଣିନିଏ ତା'କୁ ଅଶୁଭ ବାସନା କୁହାଯାଏ ।ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆସକ୍ତି, କାମନା ଓ ବାସନା ମଣିଷକୁ ମୁକ୍ତି ପଥରୁ ଦୂରେଇ ରଖେ । ଏହି ତିନିରୁ ମୁକ୍ତ ହେବା ପାଇଁ ବୁଦ୍ଧିର ଆବଶ୍ୟକତା ରହିଛି । ଯାହା ଦୁଇପ୍ରକାର ଯଥା: ବିଦ୍ୟା ବୁଦ୍ଧି ଓ ଅବିଦ୍ୟା ବୁଦ୍ଧି । ବିଦ୍ୟା ବୁଦ୍ଧି ଅର୍ଥାତ୍ ସତ୍ୟର ପରିଜ୍ଞାନ ବା ଆତ୍ମଜ୍ଞାନ । ଯେ ମଣିଷକୁ ସତ୍ୟ ଓ ଅସତ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଜ୍ଞାତ କରିଥାଏ ଏବଂ ମୋହ, ମାୟା, ଓ ବନ୍ଧନରୁ ମୁକ୍ତ କରି ମୋକ୍ଷ ଆଡ଼କୁ ନେଇଯାଏ । ଏହାକୁ ଶୁଦ୍ଧ ଚେତନା ବା ଉଚ୍ଚତର ଜ୍ଞାନ ବୋଲି ମଧ୍ୟ କୁହାଯାଇଛି । ସେପରି ଅବିଦ୍ୟା ବୁଦ୍ଧି ଅର୍ଥାତ୍ ଅଜ୍ଞାନ ବା ମାୟା, ଯେ ମଣିଷକୁ ସଂସାରର କେବଳ ବାହ୍ୟ ରୂପ (ମାୟା)କୁ ଦେଖାଇଥାଏ ଏବଂ ମୃତ୍ୟୁର ଚକ୍ରରେ ବାନ୍ଧି ରଖେ । ଏହି କାରଣରୁ ମଣିଷ ଭ୍ରମରେ ପଡ଼ି ନିଜକୁ ବୁଦ୍ଧିମାନ ମନେକରେ କିନ୍ତୁ ପ୍ରକୃତରେ ସେ ଜ୍ଞାନରୁ ବଂଚିତ ଥାଏ । ଅବିଦ୍ୟା ବୁଦ୍ଧି ସତ୍ୟଭଳି ଅନୁଭୂତ ହେଲେ ମଧ୍ୟ ତାହା ସତ୍ୟ ନୁହେଁ । ସେ ସର୍ବଦା ବନ୍ଧନ ଦେଇଥାଏ । ଅବିଦ୍ୟା ବୁଦ୍ଧି ହେଉଛି ତମ ସଦୃଶ୍ୟ ଏବଂ ବିଦ୍ୟା ବୁଦ୍ଧି ଆଲୋକ ସମାନ ଅଟେ । ଏହି ତମକୁ ନାଶ କରିବାକୁ ହେଲେ ଆଲୋକର ନିତାନ୍ତ ଆବଶ୍ୟକ, ଯଦ୍ୱାରା ଜ୍ଞାନୋଦୟ ହୋଇପାରିବ । ତେଣୁ ଶାସ୍ତ୍ରରେ କୁହାଯାଇ ଯେ , ଜ୍ଞାନେନ ମୁକ୍ତିଃ, ଅର୍ଥାତ୍ ଜ୍ଞାନ ଦ୍ୱାରା ହିଁ ଜୀବ ମୁକ୍ତି ପାଇଥାଏ । ଏହି ବିଦ୍ୟା ବୁଦ୍ଧି ଜାଗ୍ରତ କରିବାକୁ ହେଲେ ବିବେକର ନିତାନ୍ତ ଜରୁରୀ, କାରଣ ବିବେକରୁ ହିଁ ବୈରାଗ୍ୟ ଉତ୍ପତି ହୁଏ । ଯେତେବେଳେ ପର୍ଯ୍ୟନ୍ତ ମଣିଷର ବୈରାଗ୍ୟ ସୃଷ୍ଟି ହୋଇନାହିଁ, ଯେତେବେଳ ପର୍ଯ୍ୟନ୍ତ ଅନ୍ତକରଣ ବିଶୁଦ୍ଧ ହୋଇ ପାରିବ ନାହିଁ । କାରଣ ବୈରାଗ୍ୟ ହିଁ ଅନ୍ତଃକରଣକୁ ଶୁଦ୍ଧ କରିଥାଏ । ଯଦ୍ୱାରା ଜୀବ ଶିବତ୍ୱକୁ ପ୍ରାପ୍ତି କରି ଜୀବନ ମୁକ୍ତ ବା ଆନନ୍ଦ ପଥର ପଥିକ ହୋଇଯାଏ ।

*ଖଯେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*

## ଶିକ୍ଷାନୁଷ୍ଠାନ : ବ୍ୟକ୍ତିତ୍ୱ ପ୍ରତିଷ୍ଠାନ

◆ ଶ୍ୟାମ ସୁନ୍ଦର ସାମଲ

ସେ ଦିନ ଅନୁଜ ପ୍ରତୀମ ଅନୁଲିପି ସ୍ଥପତି ଶ୍ରୀକାନ୍ତ ତା ଅଙ୍ଗେ ନିଭା କିଛି କଥା କହୁଥିଲା । ତା କହିବା କଥା ମୁତାବକ ଆଜିକାଲି ସରକାର ଶିକ୍ଷା ବ୍ୟବସ୍ଥାକୁ ୫ଟି ଅନ୍ତର୍ଗତ କରିଛନ୍ତି । ଏହାସହ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ଓ ସର୍ବାଙ୍ଗୀନ ପ୍ରଗତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଯାହାବି ହେଲେ ଏବେ ଓଡ଼ିଶାରେ ସେପରି କିନ୍ତୁ ଶିକ୍ଷାର ପ୍ରସାର ହୋଇନଥିବାର ଅଭିଯୋଗ ହେଉଛି । ସରକାରଙ୍କ ଶିକ୍ଷା ପ୍ରତିଷ୍ଠାନ କଥା ଛାଡ଼ନ୍ତୁ ବେସରକାର ବିଦ୍ୟାଳୟ ଖଣ୍ଡେ ଖୋଲିବା ଅତ୍ୟନ୍ତ କାଠିକର ପାଠ । ଜଣେ ଚାହିଁବା ମୁତାବକ ଜମି ଦାନ କରୁଥିଲେ ବି ଏହା କିନ୍ତୁ ସରକାରଙ୍କ ପାଖରେ ସହଜ ନୁହେଁ ଏହାକୁ ବିଧିବିଦ୍ଧ ଅନ୍ୟାନ୍ୟ ସୁବିଧା ସହଯୋଗ ଦେଇ ତ୍ୱରାନ୍ୱିତ କରିବା । ଶିକ୍ଷାର ପ୍ରସାର ବଢ଼ାଇବା ପାଇଁ କିଛି ସ୍ଥାନୀୟ ସମାଜ ସେବା ସମ୍ପନ୍ନ ବ୍ୟକ୍ତିତ୍ୱ ନିଜ ଜମି ଦାନ କରିବା ପାଇଁ ଆଗେଇ ଆସିଥାନ୍ତି । କୃତଜ୍ଞତା ଜ୍ଞାପନ ପୂର୍ବକ ବିଦ୍ୟାଳୟ ପରିସରରେ ତାଙ୍କର ଏକ ଆବକ୍ଷ ପ୍ରତମୂର୍ତି ସ୍ଥାପନ କରିବା କଥା । କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଉଛି କେବଳ ପ୍ରତିମୂର୍ତି ଭିତରେ ଏହା ସୀମତ ନରହି ଏହି ଶିକ୍ଷାନୁଷ୍ଠାନର ନାମକୁ ତାଙ୍କ ନାମରେ ନାମିତ ପାଇଁ ଦାବୀ ପରେ ବିବାଦର ବାଟ ଦେଖାଉଛି । ଏକ ସରକାରୀ ଶିକ୍ଷାନୁଷ୍ଠାନ ହେଉ ବା ବେସରକାରୀ । ଏହାକୁ ଗଢ଼ି ତୋଳିବାରେ ଗୃହ ନିର୍ମାଣ କ୍ଷେତ୍ରରେ ଉତ୍ସର୍ଗୀକୃତ ସହଯୋଗ ରହିଥିବା ବଦାନ୍ୟ ଲୋକଙ୍କ ପ୍ରତିମୂର୍ତିକୁ ନେଇ ଆଜିକାଲି ଅନେକ ମାଲିମୋକଦ୍ଦମା କଚେରୀରେ ଗଦା ହେଲାଣି । ତେବେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଯାହା ଆଇନଗତ ଦିଗ ରହିଛି ତାହା ହେଉଛି ଏହା ତିନୋଟି ସ୍ତର ଦେଇ ଅନୁମୋଦନ ଲାଭ କରିବା ପରେ ଯାଇ ପ୍ରତିମୂର୍ତି ସ୍ଥାପନ କାମ ହୋଇଥାଏ । ଏହି ତିନୋଟି ସ୍ତର ହେଲା ପ୍ରଥମେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ନିକଟରେ ବିଦ୍ୟାଳୟ କମିଟି ଏହି ପ୍ରସ୍ତାବକୁ ଲିଖିତ ଭାବରେ ଉପସ୍ଥାପନ କରିବେ । ବିଦ୍ୟାଳୟ ପରିଚାଳନା କମିଟି ଏହି ଦାବିର ଯାଂଚ କରିବା ପରେ ଏବଂ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ପରେ ଏହା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଯିବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଏହି ପ୍ରସ୍ତାବର ଅନୁଧ୍ୟାନ ପରେ ଏହା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗକୁ ଯିବ । ଜିଲ୍ଲାସ୍ତରୀୟ କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ ଏବଂ ଏହାର ସଦସ୍ୟ ଭାବରେ ପୁଲିସ ଅଧିକ୍ଷକ, ଜିଲ୍ଲା ଜନମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ଆଦି ଏହି ଆବେଦନର ତର୍ଜମା କରିବେ । ସେଠାରୁ ଅନୁମୋଦନ ଲାଭ ପରେ ଯାଇ ଗଣଶିକ୍ଷା ବିଭାଗକୁ ଏହି ପ୍ରସ୍ତାବଟି ଯିବ । ଗଣଶିକ୍ଷା ବିଭାଗରେ ପୁର୍ନବାର ଏହାର ତର୍ଜମା କରାଯାଇ ଅନୁମୋଦିତ ହେଲେ କୌଣସି ଏକ ସରକାରୀ ବିଦ୍ୟାଳୟରେ ବ୍ୟକ୍ତିବିଶେଷଙ୍କର ପ୍ରତିମୂର୍ତି ସ୍ଥାପନ କରାଯାଇ ପାରିବ । ହେଲେ ଆଜିର ଦିନରେ ବିଦ୍ୟାଳୟକୁ ନିଜ ନାମରେ ନାମିତ କରିବାର ଦାବୀ କେବଳ ରାଜନୈତିକ ଦିଗ ନୁହେଁ ଏହା ଏକ ପ୍ରତିପତିର ଉଚ୍ଚତାର ମାପକାଠି ଭାବେ ଧରାଯାଉଛି । ଏହା ପରବର୍ତୀ ସମୟରେ ସ୍ଥାନୀୟ ଅଂଚଳ ସହ ଶିକ୍ଷାନୁଷ୍ଠାନର ଏକ ଖରାପ ସମ୍ପର୍କ ସୃଷ୍ଟି କରିବା ପାଇଁ ବାଟ କଢ଼ାଉଛି । ଘରୋଇ ବିଦ୍ୟାଳୟ ହୋଇଥିଲେ ଜମିଦାନ କରିଥିବା ବ୍ୟକ୍ତିତ୍ୱଙ୍କ ନାମରେ ନାମିତ କରିବା ପାଇଁ ଆପତି ରହିବ ନାହିଁ । କିନ୍ତୁ ପରବର୍ତୀ ସମୟରେ ଏହାକୁ ସରକାର ନିଜ ହାତକୁ ନେଉଥିଲେ କିନ୍ତୁ ନାମ ଅପରିବର୍ତିତ ରହିବ ବୋଲି ସରକାରଙ୍କ ଶିକ୍ଷା ସେବା ଆଇନର ବଧିବଦ୍ଧ ଭାବେ ଉଲ୍ଲେଖ ରହିଛି । ଏହି ଲେଖକ କିଛିଦିନ ତଳେ ନ୍ତକଟକର ଏକ ଘରୋଇ ଆଧ୍ୟାତ୍ମିକ ବିଦ୍ୟାଳୟରେ ଚାଲିଥିବା ଶିକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ଆଚରଣ ଓ ଉଚ୍ଚାରଣ, ଅଭିଭାବକଙ୍କ ଦାୟିତ୍ୱବୋଧ, ଶିକ୍ଷାବିତଙ୍କ ସହଯୋଗ' ମାର୍ମିକ ଘଟଣାକୁ ନେଇ ଲେଖାଟିଏ ଲେଖିଥିଲା । ଅନେକ ସୁଧୀ ପାଠକବୃନ୍ଦ ସାଧୁବାଦ ଜଣାଇବା ସହ ଖୁସି ପ୍ରକଟ କରି ଆହୁରି କିଛି ଲେଖିବା ପାଇଁ ବିଶେଷ କରି ଶିକ୍ଷା ଓ ସମାଜକୁ ଭଲ ବର୍ତା ଦେଉଥିବା ଘଟଣାକୁ ନେଇ ଲେଖିବା ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି । ତେବେ ଆମ ଆଲୋଚ୍ୟ ପ୍ରସଙ୍ଗର ଶେଷରେ ଏହା ନିଶ୍ଚିନ୍ତ ହେଉ ଯେ ଜାଗା ବାଡ଼ି ସଂକ୍ରାନ୍ତ କୌଣସି ସିଭିଲ ମାମଲା ଯେପରି ନରୁହେ କାରଣ ଏହା ଏକ ଶିକ୍ଷାନୁଷ୍ଠାନ ପାଇଁ ପରବର୍ତୀ ସମୟରେ ଜଟିଳ ଆଇନଗତ କ୍ଷେତ୍ରକୁ ନେଇଯାଇଥାଏ । ଏବଂ ବଦାନ୍ୟ ବ୍ୟକ୍ତିତ୍ୱ ସମ୍ଭବତଃ ଭୁଲି ଯାଆନ୍ତି ଆମ ଓଡ଼ିଆରେ ଏକ କଥାକୁ ନେଇ - ନ୍ତବାଜା ବାଜିଲେ କୋଶେ, ତୁଣ୍ଡ ବାଜିଲେ ସହସ୍ର କୋଶ...' । ଏହାର ଅର୍ଥ ଯେଉଁ ବଦାନ୍ୟ ବ୍ୟକ୍ତିତ୍ୱ ଜମି ଦାନ କରିଥାନ୍ତି ତାଙ୍କ ନାମ ସ୍ୱାଭାବିକ ଭାବେ କେବଳ ହଜାର ଭାବରେ ନୁହେଁ କେବଳ ଲକ୍ଷାଧିକ ଲୋକଙ୍କ କାନକୁ ଯାଇଥାଏ । ଏହା କମ ବଡ଼ ଯଶ ନୁହେଁ । ନାମରେ ଯେ ହୋଇଗଲେ ସମାଜ ପାଇଁ ସମସ୍ତେ ଯେ ଆଲୋକବର୍ତିକା ସାଜି ପାରିବେ ତାହା ମଧ୍ୟ ନୁହେଁ । କିନ୍ତୁ ଏହିପରି କିଛି ବଦାନ୍ୟ ଓ ହୃଦୟବାନ ବ୍ୟକ୍ତିତ୍ୱଙ୍କ ମହତ ଦାନ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଯେଉଁ ଯଶ ସୃଷ୍ଟି କରିଥାଏ ତାହା ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଥାଏ ।

*ପୂର୍ବତନ କେନ୍ଦ୍ରାଂଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬*











# ଜରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଦାବିପତ୍ର ପ୍ରଦାନ

ଯାଜପୁର:ବିଂଝାରପୁର ବ୍ଲକ୍ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ନଥିବାରୁ ଏ ଅଂଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ କର୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଯଥା ପୂର୍ବଂ ତଥା ପରମ୍ । ଏହି ପରିପ୍ରେକ୍ଷୀରେ ଦାବୀ ପୂରଣ ନିମନ୍ତେ 'ଆଂଚଳିକ ବୁଦ୍ଧିଜୀବୀ ମଂଚ 'ଜରୀ, ଛନ୍ଦାମୁଣ୍ଡ, ବାଙ୍ଗରା ବୁଦ୍ଧିଜୀବୀ ମଂଚ'ର ଆହ୍ୱାନରେ ସଭାପତି ଗଣନାଥ ବିଶ୍ୱାଳ, ସଂପାଦକ ବ୍ରହ୍ମାନନ୍ଦ ମଲ୍ଲିକ,ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଭୂୟାଁ, ଅମୀୟ କାନ୍ତ ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଭାସ୍କର ଚନ୍ଦ୍ର ଦାସ, ନୃସିଂହ ଚରଣ ଧଳ, ଶ୍ରୀଧର ମଲିକ ଓ ପ୍ରହଲ୍ଲାଦ ମଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବୀପତ୍ର ଯାଜପୁର ଜିଲ୍ଲାପାଳ ମହୋଦୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟଙ୍କୁ ପ୍ରଦାନ କରାଯାଇଛି । ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନହେଲେ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ତା ୦୯-୦୪-୨୦୨୬ରିଖରେ ଦିବାରାତ୍ର ଗଣଧାରଣା ଦେବା ପାଇଁ ଚେତାବନୀ ଦିଆଯାଇଛି ।

# ଲିଟିଲସ୍ ହେଭେନ୍ ପ୍ଲେ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ

ଯାଜପୁର: ଯାଜପୁର ସ୍ଥିତ ଲିଟିଲସ୍ ହେଭେନ୍ ପ୍ଲେ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ବିଦ୍ରାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରିତ୍ଲେ । ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ଉପାଧି ପ୍ରଦାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରଣଜିତ୍ ସିଂ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର




ସାହୁ, ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ସୁନାଗରୀକ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରିବା ଆମଶ୍ୟକ ବୋଲି ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ପ୍ରେମଲତା ରଥ ଓ କାଉଁସିଲର ତିଲୋତମା ସାହୁ ଯୋଗ ଦେଇ ପିଲା ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଦେବାଶିଷ ମିଶ୍ର ଓ ମହେଶ୍ ଦାସଙ୍କ ଦିଗନ୍ତିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ ମିଶ୍ର ଅଭିଭାବକ ମାନେ ପିଲା ମାନଙ୍କୁ ସୁନାଗରୀକ ଭାବେ ଗଢ଼ିବା ପାଇଁ ଦାୟିତ୍ୱ ତୁଲାଇବାକୁ ମତବ୍ୟକ୍ତ କରଇଥିଲେ । ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର କର ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ଭାଗ୍ୟଶ୍ରୀ ମିଶ୍ର, କବିତା ଦାସ, ଜ୍ୟୋତିରେଖା ରଣା, ସ୍ୱସ୍ତିକା ସାହୁ, ସ୍ମୃତିରେଖା ନାୟକ, ମୋନାଲିସା ସାହୁ, ସରୋଜିନୀ ବେହେରା, ଗୌରୀ ପାତ୍ର ଓ ସରସ୍ୱତୀ କୁଣ୍ଡୁ ପ୍ରମୁଖ ସଭା ପରିଚାଳନା କରିବାରେ ସହଯୋଗ କରିଥିଲେ । ସଭାକାର୍ଯ୍ୟ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯିବା ସହିତ ମା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲ ।

# ମହିଳା ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଯାଜପୁର: ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମହିଳା ରୋଗୀଙ୍କ ମୃତ୍ୟୁ । ଚିକିତ୍ସା ଅବହେଳା କୁ ଦାୟୀ କରିଛନ୍ତି ପରିବାର ଲୋକେ । ସୂଚନା ଅନୁସାରେ ଯାଜପୁର କୁଆଖିଆ ଥାନା ଗୋପୀନାଥ ପୁର ଅଂଚଳର ମନ୍ଦି ପରିଡ଼ା ନାମକ ମହିଳା ଗତ କାଲି ରାତିରେ ପେଟରେ ଯନ୍ତ୍ରଣା କାରଣରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଆସିଥିଲେ । ସକାଳୁ ତାଙ୍କୁ ନର୍ସ ତାଙ୍କୁ ଇଞ୍ଜେକସନ ଦେଇଥିଲେ । ଏହାର କିଛି ସମୟ ପରେ ତାଙ୍କର ଛାତି ରେ ଯନ୍ତ୍ରଣା ହେବାରୁ ତାଙ୍କର ମୃତ୍ୟୁ ହୋଇଥଲା । ଠିକ୍ ଭାବେ ଦୀର୍ଘ ସମୟ ଧରି ଚିକିତ୍ସା ଅବହେଳା କାରଣରୁ ମା ର ମୃତ୍ୟୁ ହୋଇଥିବା ମୃତ ମହିଳା ଙ୍କ ପୁଅ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ମେଡିକାଲ ପରିସରରେ ଉତେଜନା ଦେଖା ଦେଇଥିଲା । ଘଟଣା ସ୍ଥଳରେ ପୋଲିସ ଓ ମେଡିକାଲ ଅଫିସର ମାନେ ପହଂଚି ବୁଝାସୁଜା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପୋଲିସ ମୃତ ଶରୀର କୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ପଠାଇ ଘଟଣା ର ତଦନ୍ତ ଆରମ୍ଭ କରିଛି । ସେପଟେ ଘଟଣା ର ତଦନ୍ତ କରାଯାଉଛି ପୋଷ୍ଟ ମଟମ ରିପୋର୍ଟ ଆସିବା ପରେ ମୃତ୍ୟୁ ର ପ୍ରକୃତ କାରଣ ସ୍ପଷ୍ଟ ହେବ । ଯଦି ଦାୟିତ୍ୱ ରେ ଥିବା ଡ଼ାକ୍ତର କିମ୍ବା ନର୍ସ ଙ୍କ ଅବହେଳା ରହିଥିବା ସ୍ପଷ୍ଟ ହେବ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମଓ ସୂଚନା ଦେଇଛନ୍ତି ।

# ରାଇରଙ୍ଗପୁରର ମେଧାବୀ ଛାତ୍ର କୌଶିକଙ୍କୁ 'ଶ୍ରେଷ୍ଠ ସନ୍ଦର୍ଭ ଉପସ୍ଥାପନା' ସମ୍ମାନ

ରାଇରଙ୍ଗପୁର : (ନିପ୍ର)-ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ) ଅଧୀନ କମଳା ନେହେରୁ କଲେଜ ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଆ ଛାତ୍ର କୌଶିକ କୁମାର ହୋତା 'ଶ୍ରେଷ୍ଠ ସନ୍ଦର୍ଭ ଉପସ୍ଥାପନା' ସମ୍ମାନରେ ସମ୍ମାନିତ ହୋଇଛନ୍ତି । 'ବିକଶିତ ଭାରତ ଅଭିଯାନ' ଏବଂ 'ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ'ର ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ଅଭିମୁଖେ ଜାତୀୟ ଶିକ୍ଷା ନୀତି-୨୦୨୦ ର ଉପଯୋଗ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।କୌଶିକ, ସମ୍ମିଳନୀର 'ଦକ୍ଷତା, ନିଯୁକ୍ତି ଏବଂ ଅର୍ଥନୈତିକ ନେତୃତ୍ୱ' ବିଭାଗରେ ନିଜର ଗବେଷଣାତ୍ମକ ପ୍ରବନ୍ଧ 'ରୂପାୟନର ବ୍ୟବଧାନ ଦୂର କରିବା ଓ ବିକଶିତ ଭାରତ ପାଇଁ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାଦାନ ପଦ୍ଧତି ଏବଂ ଭାରତୀୟ ଜ୍ଞାନ ପରମ୍ପରାର ପୁନଃକଳ୍ପନା' ସଂଦର୍ଭ ଉପସ୍ଥାପନ କରିଥିଲେ । ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ସହ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଉପରେ



ତାଙ୍କର ଚମତ୍କାର ଉପସ୍ଥାପନା ଉପସ୍ଥିତ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା । କୌଶିକ ବର୍ତମାନ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗରେ ସମନ୍ୱିତ ବିଏ ବିଏଡ ଷଷ୍ଠ ସେମିଷ୍ଟରର ଛାତ୍ର । ସେ ବିଶୋଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ହରିଶ୍ଚନ୍ଦ୍ର ହୋତା ଓ ଶିକ୍ଷୟିତ୍ରୀ ଅନୁପମା ନନ୍ଦଙ୍କ ସୁପୁତ୍ର । ଏଥିସହ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଉକ୍ତ ବିଶ୍ୱବିଦ୍ୟାଳୟ ପାଇଁ 'ୟୁଜିସି ଏନଇପି-ସାରଥୀ' ଭାବେ ମଧ୍ୟ ନିଯୁକ୍ତ ହୋଇଛନ୍ତି । ସେ ପୂର୍ବରୁ ମଧ୍ୟ ଅନେକ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ସମ୍ମାନରେ ଭୂଷିତ ହୋଇ ରାଜ୍ୟ ତଥା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସମ୍ମିଳନୀରେ ସଂଯୋଜକ ଡ. କମଳାକାନ୍ତ ରାଉଳ, ଅଧ୍ୟକ୍ଷା ପ୍ରଫେସର ଡ.ପବିତ୍ରା ଭରଦ୍ୱାଜ ଏବଂ ସହ-ସଂଯୋଜକ ଡ.ପୂଜାଙ୍କ ଉପସ୍ଥିତିରେ କୌଶିକଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା । କୌଶିକଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷା ବିଭାଗର ମୁଖ୍ୟ, ଅଧ୍ୟାପକ ମଣ୍ଡଳୀ ଏବଂ ଜନ୍ମମାଟି ରାଇରଙ୍ଗପୁରରୁ ଅନେକ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି ।

# ଜିଲ୍ଲାର ୧୫ରୁ ଉର୍ଦ୍ଧ୍ୱ ବାପିଷ୍ଟ ଚର୍ଚ୍ଚରେ ଯୀଶୁଖ୍ରୀଷ୍ଟଙ୍କ ବଳିଦାନ ଦିବସ ପାଳିତ

ଭଦ୍ରକ : ଜିଲ୍ଲାର ଚରମ୍ପା, କଚେରି, ବଗମରା, ଆନ୍ଧରୋଳି, ଆଗରପଡ଼ା, କେନ୍ଦୁଆପଦା, ବାସୁଦେବପୁର, ବିଦେଇପୁର, ଧାମରା, ଚାନ୍ଦବାଲି, ନନ୍ଦପୁର, ପିରାହାଟ, ଚଡଦିଆ, ପିରିପୁର, ଆଦି ବିଭିନ୍ନ ବାପୀଷ୍ଟ ଚର୍ଚ୍ଚରେ ଶୁଭ ଶୁକ୍ରବାର ପାଳିତ ହୋଇଯାଇଛି । ଶ୍ରଦ୍ଧାଳୁ ଓ ପାଷ୍ଟର ମାନେ ଯୋଗ ଦେଇ ଯୀଶୁ ଙ୍କ ବାଇବେଲ , ସାମୁହିକ ପ୍ରାଥନା , ପୁସ୍ତକ ପାଠ କରି ଯୀଶୁ ଖ୍ରୀଷ୍ଟ ଙ୍କ ଦୟା, କ୍ଷମା, ପ୍ରେମ, ବାଣୀ କୁ ଯୁବ ପୀଢ଼ି ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତି ଅନୁକରଣ କରି ବାକୁ ପରାମର୍ଶ ଦେଇଥିଲେ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ -୨୦୨୬ ପାଳନ



ଭଦ୍ରକ : ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ -୨୦୨୬ ସମାରୋହ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ର ଙ୍କ ସଭାପରିତ୍ୱରେ ଅନୁଷ୍ଠିତ ହୋଇ ଯାଇ ଅଛି । ଉକ୍ତ ସମାରୋହରେ ଅଧ୍ୟାପକ ଶୁକଦେବ ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ମଞ୍ଜୁଲତା ମହାପାତ୍ର, ମିଳନ ପଣ୍ଡା ଓ ପ୍ରଭାତୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉତ୍କଳର ଐତିହ୍ୟ, ପରମ୍ପରା, ରୀତିନୀତି, ଚାଲିଚଳନ, ପର୍ବପର୍ବାଣି, ସଂସ୍କୃତି, ପିଠା ପଣା ଓ ବେଶପୋଷାକ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଆ ପକ୍ଷ ଏପ୍ରିଲ ଏକରୁ ଆରମ୍ଭ ହୋଇ ଚଉଦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ ବୋଲି ସଂଯୋଜକ ଘୋଷଣା କରିଛନ୍ତି । ଦ୍ୱିତୀୟ ଦିବସରେ ବେଶ ପୋଷାକ ସମ୍ପର୍କରେ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ ମାନେ ଭାଗ ନେଇ ନିଜର ଭାଷଣ ରଖିଥିଲେ । ଉକ୍ତ ସଭାକୁ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ସଂଚଳନା କରିଥିଲେ । ପରିଶେଷରେ ଅଧାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀଙ୍କ ନେତୃତ୍ୱରେ ଦୁର୍ଘଟଣାଗ୍ରସ୍ତ ଷଣ୍ଢର ଚିକିତ୍ସା



ଜଳେଶ୍ୱର : (ନିପ୍ର )କେତେକ ଯୁବକ ଗୋ ଚାଲାଣରେ ସମ୍ପୃକ୍ତ ରହୁଥିବା ବେଳେ ବହୁ ଯୁବ ଶକ୍ତି ଆତ୍ମିକ ଭାବେ ଗୋ ସୁରକ୍ଷା ଦିଗରେ ନିରନ୍ତର କାର୍ଯ୍ୟ ମଧ କରୁଛନ୍ତି । ମଙ୍ଗଳବାର ରାତି, ହସ୍ପିଟାଲ ରୋଡ଼ ରେ ଷଣ୍ଡର ଗୋଡ଼ ଉପର ଦେଇ ଏକ ଅଜଣା ଗାଡି ଚାଲି ଯାଇଥିଲା । ଷଣ୍ଢ ଟି ରାସ୍ତାରେ ପଡି ପଛପଟ ହେଉଥିବା ବେଳେ ସମାଜସେବୀ ରାଜେଶ ଖଟୁଆ, ନରିସାମା କ୍ଲବର ସଦସ୍ୟ ଏବଂ ସ୍ଥାନିୟ ଭେଟନାରୀ କର୍ମଚାରୀ ସାର୍ଥକ ଘୋଷ ଙ୍କୁ ଡ଼ାକିଥିଲେ । ସମସ୍ତ ଙ୍କ ସହଯୋଗ ରେ ଦୀର୍ଘ ସମୟ ଧରି ଆହତ ଷଣ୍ଡର ଚିକିତ୍ସା ସହିତ ତାର ସୁରକ୍ଷା ବ୍ୟବସ୍ଥା କରାଯାଇ ଥିଲା । ହଠାତ ଜଳେଶ୍ୱର ରେ ଶଣ୍ଢ ସଂଖ୍ୟା ବଢିବା ନେଇ ଅନ୍ୟ ସ୍ଥାନରୁ ଅଂଚଳକୁ ଷଣ୍ଢ ଛାଡି ଥିବା ଆଶଙ୍କା କରାଯାଉଛି । ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର, ସତ୍ୟ ନାରାୟଣ ଦାଶ, ସାଗର ସେନାପତି, ଚନ୍ଦନ ସେନାପତି, ଆଲୋକ ଡଗର, ଖ୍ରିଥିସ ବ୍ରହ୍ମ, ଜ୍ୟୋତି ପ୍ରକାଶ ନାୟକ, ଆକାଶ ପାତ୍ର, ଗୋବିନ୍ଦ ପରିଡ଼ା, ଶୁଭମ୍ ମିଶ୍ର, ସ୍ୱାଧୀନ ଗିରି, ଜଗଦୀଶ ତ୍ରିପାଠୀ, ବିଶ୍ୱଜିତ୍ ନନ୍ଦି, ସାଗର କୁମାର ଦାସ, ଗଜେନ୍ଦ୍ର ଖମାରୀ, ସ୍ୱାଭିମାନ ସେନାପତି, ପ୍ରମୁଖ ସେବା ଯୋଗାଇ ଥିଲେ ।

# ମହାନ୍ତ ଏବଂ ମହାନ୍ତ ଏଜୁକେଶନାଲ ଫାଉଣ୍ଡେସନ ତରଫରୁ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ

ଖୁଂଟା -( ନି ପ୍ର )ସ୍ଥାନୀୟ ଖୁଂଟା ବ୍ଲକ ଅଧୀନ ଡୁକୁରା ଓମ୍ ସାଇ ଇନ୍ ଷ୍ଟିଟ୍ୟୁଟ୍ ଅଫ୍ ପାରା ମେଡିକାଲ ସାଇନ୍ ସେସ୍ ଦ୍ୱାରା ପରିଚାଳିତ ଆୟୁର୍ବାଳି ଫାର୍ମାସୀ କଲେଜ ପରିସରରେ ସ୍ୱର୍ଗତ ରୀନା ମହାନ୍ତ ଙ୍କ ଜନ୍ମ ଜୟନ୍ତି ଅବସରରେ ରୀନା ମହାନ୍ତ ଓ ଗୁରୁପ୍ରସାଦ ମହାନ୍ତ ଏଜୁକେସନାଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ପୁରସ୍କାର ବିବରଣୀ ଉତ୍ସବ ପାଳନ ହୋଇ ଯାଇଛି । ଯାହାକି ରୀନା ମହାନ୍ତ ଓ ଗୁରୁ ପ୍ରସାଦ ମହାନ୍ତଙ୍କ ନାମରେ ନାମିତ ।ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଖୁଂଟା ବ୍ଲକ ର କାର୍ଯ୍ୟରତ ବିଡିଓ ଶ୍ରୀଯୁକ୍ତ ସତ୍ୟଜିତ୍ ରାଉତ ଯୋଗ ଦେବା ସହ ସମ୍ମାନୀୟ ଅତିଥି ପୂର୍ବତନ ସାଂସଦ ଶ୍ରୀଯୁକ୍ତ ବୀରଭଦ୍ର ସିଂ ମହୋଦୟ ଓ ଅତିଥି ଭାବରେ ପ୍ରତିଷ୍ଠିତ ଟ୍ରଷ୍ଟ ର ଅଧକ୍ଷ ଶ୍ରୀଯୁକ୍ତ ଗୁରୁ ପ୍ରସାଦ ମହାନ୍ତ, ଓମ୍ ସାଇ



ଆ.ଟି.ସି ର ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତ, ଶିକ୍ଷକ ରମାକାନ୍ତ ମହାନ୍ତ , ପୂର୍ବତନ ଉ.ଉ..ଗ.ଙ କରୁଣାକର ମହାପାତ୍ର, ଖୁଂଟା ବ୍ଲକ ଚେୟାରମେନ ସୁଧନ୍ୟା ନାଏକ ପ୍ରମୁଖ ବ୍ୟକ୍ତି ବିଶେଷ ମଧ୍ୟ ଯୋଗ ଦେଇଥିଲେ । ଏହି ଉତ୍ସବରେ ସମ୍ମାନୀୟ ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରି ସ୍ୱର୍ଗତ ରୀନା ମହାନ୍ତ ଙ୍କ ଫୋଟ ମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ରୀନା ମହାନ୍ତ ଙ୍କ ମହତ୍ପୂର୍ଣ୍ଣ ଅତିତକୁ ମନେପକାଇ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ପିଢ଼ି ରେ ସମାଜ ରେ ନୂତନ ସୁପରିଚିତ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ କିପରି ନିଜକୁ ଗଢିତୋଳିବେ ସେହି ବିଷୟରେ ଅଭିଭାଷଣ ରଖିଥିଲେ । ଏବଂ ରୀନା ମହାନ୍ତ ଙ୍କ ସ୍ମୃତି ରେ ମୟୂରଭଞ୍ଜ ଜିଲ୍ଲାର ୨୦୨୫ ମସିହାରେ +୨ ରେ ସ୍ୱର୍ବଚ ନମ୍ବର ରଖି ଟପ୍ପର ହୋଇଥିବା ଛାତ୍ର ସାଗରାମ୍ ମାରାଣ୍ଡି ଓ ଛାତ୍ରୀ ଲିସା ବେହେରା ଏବଂ ଖୁଂଟା ବ୍ଲକ ରେ ମାଟ୍ରିକ ରେ ସ୍ୱର୍ବଚ ନମ୍ବର ରଖି ଟପ୍ପର ହୋଇଥିବା ଛାତ୍ରୀ ଇପ୍ସିତା ମିଶ୍ର ଛାତ୍ର ଜନ୍ମେଜୟ ମହାକୁଡ଼ ଙ୍କୁ ୧୫ ହଜାର ଚେକ୍ ସହ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇ ଥିଲା । ଏହି ସଭାରେ କଲେଜର ଅଧାପିକା ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସଭା ବୀବରଣୀ ପାଠ କରିଥିଲେ। ସଭାରେ କଲେଜର ଅନ୍ୟ ଅଧାପକ ଓ ଅଧାପିକା ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ରହବା ସହ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଅତିଥି ମାନଙ୍କ ଉଦ୍ଦେଶ୍ୟ ରେ ଅତି ସୁନ୍ଦର ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ସଂଗୀତ ଗାନ କରିବା ସହ ନୃତ ମାଧ୍ୟମରେ ସ୍ୱାଗତ ଜଣାଯାଇ ଥିଲେ । ଶେଷରେ ଓମ୍ ସାଇ ଫାର୍ମାସୀ କଲେଜ୍ ର ଅଧକ୍ଷ ଶ୍ରୀଯୁକ୍ତ ଖଗେନ୍ଦ୍ର ନାଥ ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥଲେ ।

# ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରାଚୀ ସାହିତ୍ୟ ସମ୍ମାନରେ ସମ୍ମାନିତ



କଟକ : ପ୍ରାଚୀ ଅନୁଷ୍ଠାନ ପକ୍ଷରୁ ପ୍ରଖ୍ୟାତ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ଭୁବନେଶ୍ୱର, ମଧୁସୂଦନ ନଗର ସ୍ଥିତ ବାସଭବନ ଠାରେ ମାନପତ୍ର ଓ ଉପଢୌକନ ପ୍ରଦାନ କରି 'ପ୍ରାଚୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି । ପଦ୍ମଶ୍ରୀ ପଟ୍ଟନାୟକଙ୍କର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମନ୍ୟତା ପ୍ରଦାନ କରିବାରେ ଭୂମିକା ଅତୁଳନୀୟ । ତାଙ୍କ ପ୍ରଣୀତ ଗବେଷଣାଧର୍ମୀ ରଚନା ଓ ଚିନ୍ତନମୂଳକ ସୃଷ୍ଟି ଓଡ଼ିଆଭାଷାକୁ ନୂତନ ଦିଗ୍‌ଦର୍ଶନ ଦେଇଅଛି । ତାଙ୍କର ସୃଷ୍ଟି ମଧ୍ୟରେ ରହିଛି କବିଲିପି, ସାହିତ୍ୟବୀକ୍ଷା, ଓଡ଼ିଆ ଭାଷା ଓ ଭଷାବିଜ୍ଞାନ, ଲଗୁକଥା, ବଚନ ଶତକ, ଭାଷା ଓ ସାହିତ୍ୟ, କିସ ପୁଣି ଦେଖାନଯାଏ, ଉତ୍କଳଗୌରବ ମଧୁସୂଦନ, ଓଡ଼ିଆ ସାହିତ୍ୟର ବିବିଧତା ଇତ୍ୟଦି । ଏହି ସଭାରେ ସଭାପତିତ୍ୱ କରିଥିଲେ ପ୍ରଫେସର ମନ୍ଦାକିନୀ ଦାସ ଓ ଅତିଥି ଭାବେ ଡକ୍ଟର ନିରୋଦ କୁମାର ମନ୍ତ୍ରୀ, ଅଜିତ୍ କୁମାର ମହାପାତ୍ର ଓ ମୃଣାଳିନୀ ଦାସ ଯୋଗଦାନ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶୁଭେଚ୍ଛା ବାର୍ତା ଜଣାଇ ଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡକ୍ଟର ବିଭୁଦ□ ଖଣ୍ଡାୟତରାୟ ।

# ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସଫଳତା

ଖଲ୍ଲିକୋଟ : ଗତ ୨୮ ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି କ୍ଷ ଡ. ବିଭୁ ପ୍ରସାଦ ସାହୁ, ସୁଶ୍ରୀ ଭି. ସ୍ନେହା ଓ ସୁଚରିତା ମହାରଣାଙ୍କ ନେତୃତ୍ୱରେ ମୋଟ ୩୭ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାତ୍ରା କରିଥିଲେ କ୍ଷ ଓଡ଼ିଆ କବିତାରେ ଏବଂ ଯନ୍ତ୍ର ସଂଗୀତ ( ବଂଶୀ ) ବାଦନରେ ଓଡ଼ିଆ




ବିଭାଗ ଛାତ୍ର ଶ୍ରୀମାନ ସୁମନ ଦାଶ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଓଡ଼ିଆ ବିଭାଗର ଶ୍ରୀମାନ ଦୀପକ ରାଗସ ଫୋଟୋଗ୍ରାଫିରେ ଦ୍ୱିତୀୟ ସ୍ଥାନ ଏବଂ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତାରେ ଇଂରାଜୀ ବିଭାଗ ଛାତ୍ରୀ ସ୍ମୃତି ସ୍ୱରୂପା, ସ୍ନେହା, ଚନ୍ଦନା,ସାଇ ଶ୍ରେୟା ପ୍ରମୁଖ ତୃତୀୟ ସ୍ଥାନ ହାସଲ କରି ମୋଟ ୪ଟି ପୁରସ୍କାର ପ୍ରାପ୍ତ କରିଛନ୍ତି । ଏହି ସଫଳତା ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରିଛି । ସେମାନଙ୍କ ବ୍ୟତୀତ ଅନ୍ୟ ପ୍ରତିଯୋଗୀ ମାନେ ମଧ୍ୟ ଲୋକାନୃତ୍ୟ, ତର୍କ, ନାଟକ ପ୍ରତଯୋଗୀତାରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି । ଏହି ସଫଳତାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ , କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରଣୀ ରଥ ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିବା ସହ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ଛାତ୍ରଛାତ୍ରୀ ମାନେ ଫେରିବା ପରେ ବିଶ୍ୱବିଦ୍ୟାଳୟ ପରିସର ରେ ସେମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୟୂରଭଞ୍ଜ ଜିଲ୍ଲାରେ ୧୨ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ

ବାରିପଦା : ରାଜ୍ୟସ୍ତରୀୟ ଅଙ୍ଗନବାଡି କେନ୍ଦ୍ର ଉଦଘାଟନ ଉତ୍ସବ ଅବସରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ନବନିର୍ମିତ ୧୨ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଭାସୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଯୋଗଦେଇ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଏହି କେନ୍ଦ୍ରଗୁଡ଼ିକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଲ୍ଲେଖ କରିଥିଲେ ଯେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୋଷଣ ସେବାର ମୂଳ ଭିତି ଭାବେ କାର୍ଯ୍ୟ କରୁଛି ଏବଂ ଏହା ଦ୍ୱାରା ଗ୍ରାମୀଣ ଅଂଚଳରେ ମହିଳା ଓ ଶିଶୁଙ୍କ ସେବା ଆହୁରି ସୁଦୃଢ ହେବ । ସେହିପରି ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ନାଏକ, ଶିଶୁ ଓ ମାତୃଶକ୍ତିର ସଶକ୍ତିକରଣ ଦିଗରେ ଏହା ଏକ ବଡ଼ ପଦକ୍ଷେପ । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଗ୍ରାମାଂଚଳର ଭିତିଭୂମିକୁ ସୁଦୃଢ଼ କରିବା ସହ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୨ ଗୋଟି ଅଙ୍ଗନବାଡ଼ି, ଯଥା- ମୋରଡା ବ୍ଲକର ମେଁଗା, କରଞ୍ଜିଆ ବ୍ଲକର ସିମି ଗାଁ ଓ ସରସପୋଷି, କୁଲିଅଣା ବ୍ଲକର ସୁନାପୋଷି ଓ କେଉଟୁଣିମାରୀ-୨, ବିଶୋଇ ବ୍ଲକର ଟିଆକାଟି, ରାସଗୋବିନ୍ଦପୁର ବ୍ଲକର ପୁରୁଣାପାଣି, ତିରିଂ ବ୍ଲକର ଡମଡିହି, ବେତନଟୀ ବ୍ଲକର ଯୁଗୋଳ ଓ ପଡପଡା, କପ୍ତିପଦାର ଧଡ଼ାସାହି ଓ ଉପେରଖୁଂଟା ପ୍ରଭୃତି ସ୍ଥାନରେ ନବ ନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ଏହି ଅବସରରେ ଉଦଘାଟିତ ହୋଇଛି ।ନବନିର୍ମିତ ଏହି ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆକର୍ଷଣୀୟ ପ୍ରି-ସ୍କୁଲ୍ ଶିକ୍ଷା ପରିବେଶ, ଖେଳନା ଓ ଶିକ୍ଷା ସାମଗ୍ରୀ, ବିଶୁଦ୍ଧ ପାନୀୟଜଳ, ପରିଷ୍କାର ପାଇଖାନା ଓ ପୋଷଣ ସେବା ସୁବିଧା ଉପଲବ୍ଧ କରାଯାଇଛି । ଏହା ଶିଶୁମାନଙ୍କ ସମଗ୍ର ଶାରୀରିକ ଓ ମାନସିକ ବିକାଶକୁ ସହାୟତା କରିବା ସହିତ ଗର୍ଭବତୀ ଓ ସ୍ତନ୍ୟପାନ କରୁଥିବା ମାତୃମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ପୋଷଣ ସଚେତନତା ପ୍ରଦାନ କରିବ । ଜିଲ୍ଲାର ଓସ୍ୱାନ୍ ହଲ୍ ରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ସଭାପତିତ୍ୱ କରି ଏହି ନବ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଦ୍ୱାରା ଜିଲ୍ଲାରେ ପୋଷଣ ସେବା ଓ ପ୍ରାରମ୍ଭିକ ଶିକ୍ଷାର ଗୁଣବତାରେ ସୁଧାର ଆସିବ ଏବଂ ଏହା ଶିଶୁ ଓ ମହିଳାଙ୍କ ସମଗ୍ର ବିକାଶକୁ ନୂତନ ଦିଗ ଦେବ ବୋଲି ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ଅଧିକାରୀ, ଓମ୍ବାଡସି ଅଧିକାରୀ, ପୋଷଣ ଅଧିକାରୀ, ସମସ୍ତ ସମ୍ବୋଧିତ ସିଡ଼ିପିଓ, ସୁପରଭାଇଜର୍, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ ।





# ଜିଲ୍ଲା ଶିଶୁ ସୁରକ୍ଷା ଇୟୁନିଟ୍‌ର ସମୀକ୍ଷା ବୈଠକ ଅନୁଷ୍ଠିତ



ନୂଆପଡ଼ା(ନିପ୍ର): ନୂଆପଡ଼ାରେ ଜିଲ୍ଲା ଶିଶୁ ସୁରକ୍ଷା ଇଉନିଟ୍ ର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଅନାଥ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ପ୍ରସ୍ତୁତର ସ୍ଥିତି ସମୀକ୍ଷା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସାଗର ଜଣାଇଥିଲେ ଯେ ମୋଟ ୨୦୨ ଜଣ ଶିଶୁଙ୍କୁ ବିଭିନ୍ନ ସହାୟତା ପ୍ରଦାନ ପାଇଁ ଉଡଉ ସମ୍ମୁଖରେ ପ୍ରସ୍ତୁତ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାରେ ୩ ଜଣ ଶିଶୁଙ୍କ ସଫଳତାର ସହ ପୋଷ୍ୟ ଗ୍ରହଣ ସମ୍ପନ୍ନ ହୋଇଛି । ବୈଠକରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଯୋଗ୍ୟ ଲୋକଙ୍କୁ ସରକାରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଦିଗରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ବିଧବା ସର୍ଭେ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ମାଧ୍ୟମରେ ଯୋଗ୍ୟ ବିଧବା ଓ ଅସହାୟ ମା ମାନଙ୍କୁ ଚିହ୍ନଟ କରି ସରକାରୀ ଯୋଜନାର ସହାୟତା ଯଥାସମୟରେ ପହଂଚାଯାଇ ପାରିବ । ଏହାସହ ଜିଲ୍ଲାରେ ପ୍ରବାସରୁ ଫେରିଥିବା ଲୋକମାନଙ୍କ ଅବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏପର୍ଯ୍ୟନ୍ତ ୧୪ ଜଣ ପ୍ରବାସ ଫେରନ୍ତା ବ୍ୟକ୍ତିଙ୍କୁ ଚିହ୍ନଟ କରି ଥଇଥାନ କରାଯାଇଥିବା ବେଳେ, ପ୍ରତ୍ୟେକ ପରିବାରର ଘର ସର୍ଭେ କରି ଆଗାମୀ ସହାୟତା ସୁନିଶ୍ଚିତ କରାଯିବ ବୋଲି ଉଉଚଙ୍ଗ ଜଣାଇଥିଲେ । ବୈଠକରେ ଅଧ୍ୟକ୍ଷ ଫଣିନ୍ଦମ ସିଂହ ଦେଓ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଅନନ୍ତ କୁମାର ହେମ୍ବ୍ରମ, ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଖଡ଼ି ଛୁଆଁ ଓ ଶିଶୁ ବାଟିକାର ଶୁଭ ଉଦ୍‌ଘାଟନ

କଟକ(ନିପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଆନୁକୁଲ୍ୟରେ ଏବଂ ଜିଲ୍ଲା ପ୍ରକଳ୍ପ କାର ?ୟ୍ୟାଳୟ ସମଗ୍ର ଶିକ୍ଷା ଆୟୋଜନରେ ଆଜି ୪୨ ମୌଜା ସ୍ଥିତ ବେଂଟକାର ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ ଓ ଶିଶୁ ବାଟିକା ର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କର ସ୍ୱାଭିମାନ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଅପ୍ରେଲ ପହିଲା ଠାରୁ ଓଡ଼ିଆ ପକ୍ଷ ଆରମ୍ଭ ହୋଇଛି । ଚତୁର୍ଥ ଦିବସରେ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହେଉଛି । ହେବ । ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ



ଖଡିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା ବୋଲି ଅଭିହିତ କରିଥିଲେ । ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହା ଏକ ଉତମ ପ୍ରୟାସ । ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥବୃନ୍ଦ ଛାତ୍ର ଛାତ୍ରୀ ମନଙ୍କୁ ଖଡ଼ି ଛୁଆଁ କରାଇବା ସହିତ ପାଠ୍ୟ ଉପକରଣ ବଂଟନ କରିଥିଲେ । ପ୍ରାରମ୍ଭରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନଡ଼ିଆ ବାଡେଇ ସଚେତନତା ରଥର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋନାଲିସା ଖଟୁଆ, ଏ ବି ଓ ଅନନ୍ତ ଚରଣ ଦେହୁରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡକ୍ଟର ସୁଚିଶ୍ମିତା ମହାନ୍ତି, ମାନସୀ ଧଳ, ହୀରାମଣି ମହାନ୍ତି, ଚିତରଞ୍ଜନ ପଣ୍ଡାଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସି ଆର ସି ସି ପ୍ରମୁଖ ଉପସ୍ଥିତ ଥିଲେ ।

# ତେଜସ୍ୱିନୀ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ସୋର(ନିପ୍ର): ସୋର ବ୍ଲକ ପାଖର ଛକ ସ୍ଥିତ ତେଜସ୍ୱୀନୀ ଏଜୁକେଶନାଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ମୁଖ୍ୟ ବକ୍ତା ଦିଲୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ରଜନୀ ପାଣିଗ୍ରାହୀ, କମାଲକାନ୍ତ ପାଣିଗ୍ରାହୀ, ମାନସ ରଞ୍ଜନ ଦାସ, ଜୟନ୍ତ ମହାନ୍ତି, ଶ୍ରୁତିରଞ୍ଜନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରା ଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା, ନୃତ୍ୟ ଗୁରୁମା ସ୍ମୃତିରେଖା ପାଢ଼ୀ ପ୍ରମୁଖ ଏଡାକୁ ପପରିଚାଳନା କରିଥିଲେ । ରଘୁନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ

ସୋର(ନିପ୍ର): ସୋର ବ୍ଲକ ପାଖର ଛକେର ଥିବା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସକୋଳ ପଂଚଗବ୍ୟ, କାୟା ସୁଦ୍ଧି, ଅଧିବାସ, ଘଟୋତଳନ କରାଯାଇ ଥିଲା । ୧୪୪ ବ୍ରତଧାରୀ କଳସ ଶୋଭାଯାତ୍ରୋର ପାଖର ଛକରୁ ଅସ୍ତଗଡ଼ିଆ ଲକ୍ଷ୍ମୀ ପୂଜା ମଣ୍ଡପ ପାଖେର ଥିବା ପୋଖରୀରୁ କଳସେର ପାଣି ଆଣି ଥେ଼ଲ । ସଂନ୍ଧ୍ୟୋର ଭଜନ କୀତର୍ନ ସହ ଯଂଜ୍ଞ ପୂର୍ଣ୍ଣାହୂତି କରାଯାଇଥିଲା । ପୂଜକ ଚନ୍ଦ୍ରେଶଖର ଦୀକ୍ଷିତ, ରତ୍ନାକର ପଣ୍ଡା, ବିଜୟ କେତନ ରଥଙ୍କ ସହେଯାଗୀ ପେୁରାହିତ କାର୍ଯ୍ୟକ୍ରମ ସମ୍ପାଦିତ କରିେଥ଼ଲ । ସଂନ୍ଧ୍ୟୋର ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କ ନୃତ୍ୟ ସମସ୍ତଙ୍କୁ ବେିମାହିତ କରିଥିଲା । କମିଟି ତରଫରୁ ସଭାପତି ରଘୁନାଥ ଜେନା, ସୁବ୍ରତ କୁମାର ମହାନ୍ତି ସମ୍ପାଦକ ଶୁେଭନ୍ଦୁ କୁମାର ଦାସ, ବୁଦ୍ଧିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହ ବୁଦ୍ଧିରାମ ରଣା, ଆଶିଷ କୁମାର ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ଦାସପ୍ରମୁଖଙ୍କ ସହେଯାଗେର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଓଡ଼ିଆ ନାମ ଫଳକ ଲିଖନ ଅଭିଯାନ
# ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

ପୁରୀ(ନିପ୍ର): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ, ପୁରୀ ତରଫରୁ ପୁରୀ ଜିଲ୍ଲାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ସମ୍ପର୍କରେ (ତା. ୦୪.୦୪.୨୦୨୬ ରିଖ) ପୂର୍ବାହ୍ଣ ୦୭.୩୦ ଘଟିକା ରେ ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟରେ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ପତାକା ଦେଖାଇ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶୁଭ ଉଦ୍ଘାଟନ କରି, ସରକାର ଙ୍କ ନିଷ୍ପତି ଅନୁସାରେ ଏପ୍ରିଲ ୦୧ ତାରିଖ ରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି ବୋଲି କହିଥିଲେ । ପ୍ରତେକ ଦିନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ବୋଲି ସେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ରହିଛି ଏବଂ ଏହି ସମ୍ବନ୍ଧରେ ପ୍ରବର୍ତ୍ତନର ପ୍ରାବଧାନ ରହିଛି ବୋଲି ଉଲେଖ କରିଥିଲେ । ଆମେ ଓଡ଼ିଆ, ଆମର ଭାଷା, ଖାଦ୍ୟପେୟ, ପରିଧାନ ଅତ୍ୟନ୍ତ ଆକର୍ଷଣୀୟ ତେଣୁ ଆମ ମହାନ ଐତିହ ଓ ପରମ୍ପରା ଅକ୍ଷୁର୍ଣ ରଖିବା ସହ ଓଡ଼ିଆ ଭାଷାକୁ ଉପଯୁକ୍ତ ସମ୍ମାନ ଜଣାଇ ନାମଫଳକକୁ ସର୍ବାଗ୍ରେ ଓଡ଼ିଆ କରିବାକୁ ଶ୍ରୀ ବେହେରା ଅନୁରୋଧ କରିଥିଲେ । ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସମୁଦ୍ରକୂଳ ସ୍ଥିତ ଚୈତନ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଏହି ଶୋଭାଯାତ୍ରାରେ ନାମଫଳକ ଲେଖିବା ସମ୍ବନ୍ଧରେ ପ୍ଲାକାର୍ଡ଼ ଓ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯିବା ସହ ଲୀଫଲେଟ ବଂଟନ କରାଗଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଆଶିଷ କୁମାର ମାଝୀ, ପଲ୍ଲବୀ ସାହୁ, ଚିନ୍ମୟ ପ୍ରିୟଦର୍ଶୀ ଓ ଆଶୁତୋଷ ସାହୁ ଉପସ୍ଥିତ ଥିଲେ । ଏତଦବ୍ୟତୀତ ପୁରୀ ଜିଲ୍ଲାର ବିଭିନ୍ନ ପ୍ରିଂଟ ଏବଂ ଇଲେକ୍ଟ୍ରୋନିକସ ମିଡ଼ିଆର ସାମ୍ବାଦିକ ଗଣ, ବିଭିନ୍ନ ଅଟୋ ଚାଳକ ସଂଘ, ନିର୍ମାଣ ଶ୍ରମିକ ସଂଘ, ଦୋକାନ ଓ ବାଣିଜ୍ୟ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତାମାନେ ଶହ ଶହ ସଂଖ୍ୟା ରେ ଉକ୍ତ ପଦଯାତ୍ରାରେ ଯୋଗଦାନ କରିଥିଲେ ।

# ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ପାଳିତ

ନୀଳଗିରି(ନିପ୍ର): ରେମୁଣା ବ୍ଲକ ଖରିଦ୍ ମୁଖରା ପଂଚାୟତର ବିନ୍ଧୁରିଆ ଗ୍ରାମରେ ଥିବା ଶୈଳେନ୍ କୁମାର ଶିକ୍ଷା ନିକେତନ ହାଇସ୍କୁଲର ୧୯୯୯ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ନୀଳଗିରି ଏନ୍.ଏ.ସି. କଲ୍ୟାଣି ମଣ୍ଡପ ପରିସରରେ ଏହି ବନ୍ଧୁମିଳନ ଉତ୍ସବରେ ୩୦ ରୁ ଉର୍ଦ୍ଧ୍ୱ ବନ୍ଧୁମାନଙ୍କର ସମାଗମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏକ ସଭା ର ଆୟୋଜନ ହୋଇଥିଲା । ସଭାରେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତିକଚନ୍ଦ୍ର ଜେନା, ଶିକ୍ଷକ ଧନଞ୍ଜୟ ପତ୍ରି, ଶିକ୍ଷକ ହରିଶ ଚନ୍ଦ୍ର ବାରିକ, ଅବସର ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଭାକର ରାଉତ, କର୍ମଚାରୀ ରତିକାନ୍ତ ଜେନା ଓ ଗଜେନ୍ଦ୍ର ଦାସ ମଞ୍ଚାସିନ ଥିଲେ । ଉକ୍ତ ସଭାରେ ଛାତ୍ରୀ ସନ୍ଧ୍ୟାରାଣୀ ସିଂହ



ସଭାପତିତ୍ୱ କରିଥିଲେ । ଶିକ୍ଷକଙ୍କ ବକ୍ତବ୍ୟରେ ସେହି ସ୍କୁଲ ବ୍ଲକ ଗ୍ରାଣ୍ଟ ଥିଲା ଆମ୍ଭେମାନେ ସ୍ୱଳ୍ପ ଦରମାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେଉଥିଲେ । ପରେ ସେମିଗମେଂଟ ହୋଇଥିଲା । ଶିକ୍ଷକଙ୍କ ଶିକ୍ଷାପାଇ ଆଜିର ଛାତ୍ରଛାତ୍ରୀ ବହୁ ବଡ଼ ବଡ଼ ପଦବୀରେ ରହିଛନ୍ତି, ହେଲେ ଭୁଲିପାରିନାହାନ୍ତି ଛାତ୍ରଛାତ୍ରୀ ଆମ୍ଭମାନଙ୍କୁ ସମସ୍ତ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ଆମ୍ଭର ବଡ ଭାଇ ଆମ୍ଭଙ୍କୁ ଦିଗ ଦର୍ଶନ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟର୍ପଣ ପୂର୍ବକ ଓ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ସମସ୍ତ ଅତିଥିଙ୍କୁ ପୁଷ୍ପ ଗୋଛ ଉତରୀୟ, ଉପଢକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରିୟ ଶିକ୍ଷକ ସ୍ୱର୍ଗତ ରସାନନ୍ଦ ସିଂଘ ଓ ପୁଷ୍ପଲତା ନାୟକଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ୧୦ ମିନିଟ୍ ନିର୍ବ ପ୍ରାଥନା କରିଥିଲ । ଚିକିତ୍ସାଳୟରେ ଚିକିତ୍ସିତ ଥିବା ଶିକ୍ଷକ ଚୌଧୁରୀ ଙ୍କ ପାଇଁ ସସସ୍ତେ ଆଶୁ ଆରୋଗ୍ୟ କାମନା କରିଥିଲେ । ବିଭିନ୍ନ ସରକାରୀ ପଦ ପଦବୀ ରେ ଏବଂ ସମାଜ ର ମୁଖ୍ୟ ସ୍ରୋତ ରେ ସମାଜ ସେବୀ ମାନେ ଏହି ବନ୍ଧୁମିଳନ ରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । ମଂଚାସୀନ ଶିକ୍ଷକଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବନ୍ଧୁମିଳନର ମୁଖ୍ୟ ଉଦ୍ୟକ୍ତା ଅଶୋକ ଭୁଳ, ଦେବେନ୍ଦ୍ର ସେଠୀ ଓ ଖଗେଶ୍ୱର ପ୍ରମାଣିକ । ବନ୍ଧୁବାନ୍ଧବୀ କବିତା ସେଠୀ, ସାବିତ୍ରୀ ଦାସ, ଗୀତାଞ୍ଜଳୀ ଦାସ, ମଞ୍ଜୁଲତା ମହାଳିକ, ଜାନକୀ ମହାଳିକ, ସସ୍ମିତା ରାଉତ, ସ୍ନିମତିନି ସିଂଘ,ମାନସୀ ରାଉତ, ଜେମା ମଣି ପରିଡ଼ା,କଳ୍ପଲତା ମହାପାତ୍ର, ସକୁଂତଳା ମହାପାତ୍ର, କାର୍ତିକ ଚନ୍ଦ୍ର ନାୟକ, କ୍ଷେତ୍ରମୋହନ ଦାସ,ଭାଗୀରଥି ଦାସ, ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଖଗେଶ୍ୱର ପ୍ରମାଣିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲ ।

# ନୂତନ ଶିକ୍ଷାବର୍ଷରେ ନବାଗତଙ୍କୁ ଖଡ଼ି ଛୁଆଁଇଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜିଲ୍ଲାପାଳ

ବାରିପଦା(ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ "ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଭାରତୀ ହାଁସଦା, ବିଶେଷ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସଏ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଅତିରିକ୍ତ ଜିଲ୍ଲା



ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଶଶୀଧର ସିଂ, ବିନୋଦ ସିଂ ପ୍ରମୁଖ ଯୋଗ ଦେଇଥିଲେ । ଓଡିଆ ପକ୍ଷ ପାଳନ ଅବସରରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଭଳି ଏକ ଅନନ୍ୟ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଯୋଗଦାନ କରି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ପିଲାମାନଙ୍କୁ ଖଡି ଛୁଆଁ କାର୍ଯ୍ୟକ୍ରମ ସମ୍ପାଦନ କରିବା ସହ ବିଦ୍ୟାଳୟରେ ପ୍ରବେଶ କରାଇଥିଲେ ଏବଂ ପ୍ରତି ପିଲାଙ୍କୁ ନୂତନ ପୁସ୍ତକ ଓ ବ୍ୟାଗ ପ୍ରଦାନ କରିଥିଲେ । ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସର୍ବମୋଟ ୪୬,୬୩୨ ଜଣ ଛାତ୍ର ଛାତ୍ରୀ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂଆ କରି ନାମ ଲେଖାଇବେ । ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଖଡି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ଜିଲ୍ଲାରେ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ସଚେତନତା ପାଇଁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶିକ୍ଷା ରଥ ଚଳିତ ମାସ ୪ ତାରିଖ ଠାରୁ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତିଟି ଗ୍ରାମ, ସାହି, ପଡା, ବିଦ୍ୟାଳୟ ଓ ସାପ୍ତାହିକ ହାଟ, ସହରାଂଚଳର ବିଭିନ୍ନ ବସ୍ତି ଗୁଡିକୁ ପରିକ୍ରମା କରି ଶିକ୍ଷାର ବାର୍ତାପ୍ରଦାନ କରିବ । ସଭିଏଁ ସ୍କୁଲ ଯିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ପାଠ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇବ । ଉପରୋକ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲାଶ୍ରମ କାର୍ଯ୍ୟାଳୟ ପକ୍ଷରୁ ୨୦୨୬ ଓଡ଼ିଆ ପକ୍ଷ ପାଳିତ





ନୟାଗଡ଼(ନିପ୍ର): ନୟାଗଡ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଓଡିଆ ପକ୍ଷ ପାଳନ ଅବସରରେ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଅଛି । ଏଥିସହିତ ଏକ ସଚେତନତା ରଥ ନୟାଗଡ ଜିଲ୍ଲା ର ବିଭିନ୍ନ ଏନ ଏ ସି ଅଂଚଳରେ ପରିକ୍ରମଣ କରିଛି । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଅତିରିକ୍ତ ଜିଲ୍ଲାପାଳ ମହୋଦୟା ରୋଜିନା ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସଭାପତି, ନୟାଗଡ ଶିଳ୍ପ ଉଦ୍ୟୋଗ ସଂଘ, ଅଧ୍ୟକ୍ଷ, ଏନଜିଓ (ସମର୍ଥ), ସହକାରୀ ଶ୍ରମ ଅଧିକାରୀ ଅବଦୁଲ କାଦିର ଖାନ, ଜ୍ଞାନରଞ୍ଜନ ସାହୁ, ପୂଜାରିନ ସାମଲ ଓ ମୋନିକା ସେଠ ଓ ଶ୍ରମ କାର୍ଯ୍ୟାଳୟ କର୍ମଚାରୀ ଏବଂ ବିଭିନ୍ନ ଶ୍ରମିକ ସଂଗଠନ ମାନେ ଏହି ସଚେତନତା ପଦ ଯାତ୍ରା ରେ ଅଂଶ ଗ୍ରହଣ କରି ନୟାଗଡ ସହର ପରିକ୍ରମା କରିଥିଲେ ।

# ନୀଳଗିରି ବ୍ଲକ ସ୍ତରୀୟ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି,(ନି.ପ୍ର.)ସମଗ୍ର ରାଜ୍ୟରେ ଆଜି ୪ ତାରିଖ ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଏବଂଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଥିବା ବେଳେ ଆଜି ସକାଳେ ନୀଳଗିରି ସହର ସ୍ଥିତ କୈଳାସ ଚନ୍ଦ୍ର ହାଇସ୍କୁଲ ପରିସରରେ ନୀଳଗିରି ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଛି ।ସ୍କୁଲ କୁ ଫୁଲ ଓ ବେଲୁନ ରେ ସୁସଜ୍ଜିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ନୀଳଗିରି ର ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଶ୍ରୀ ମତି ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ଏନେସି ର ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ବେହେରା, ବିଇଓ ସତ୍ୟନାରାୟଣ ଭୁଇଁୟା,ଏବିଓ ଲମ୍ବଧର ସିଂ, ପ୍ରଧାନ ଶିକ୍ଷକ କୌଶିକ ଦାସ ପ୍ରମୁଖ ଉପସ୍ଥିତ ରେ ଉତ୍ସବ ଓ ଖଡ଼ି ଛୁଆଁ ରଥ କୁ ବିଧାୟକ ଶ୍ରୀଯୁକ୍ତ ଖଟୁଆ ପତକା ଦେଖାଇ ଉଦଘାଟନ କରିଥିଲେ ।ପରେ ପ୍ରଥମ କରି ନାମ ଲେଖେଇବାକୁ ଆସିଥିବା ୫ ବର୍ଷର କୁନି କୁନି ବାଳକ ବାଳିକା ମାନଙ୍କୁ ନାମ ଲେଖା କରାଯାଇଥିଲା । ପରେ ବିଦ୍ୟାଳୟ ପକ୍ଷରୁ ଖଡ଼ି, ସ୍ଲେଟ ଦିଆଯାଇ ପାଠ ପଢ଼ା ଆରମ୍ଭ କରାଯାଇ ଥିଲା ।ଅତିଥି ମାନଙ୍କ ଉପସ୍ଥିତରେ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଛବି ମାଧମରେ ରଙ୍ଗ ଚିହ୍ନିବା,ବିଭିନ୍ନ ପଶୁପକ୍ଷୀ ଚିହ୍ନିବା, ସ୍ଲେଟ ଉପରେ ଖଡ଼ିରେ ପ୍ରଥମେ ଓଁ ଶୂନ ମଡ଼େଇ ଅଭିନବ ଉପାୟରେ ଶିକ୍ଷା ଦେଉଥିବା ଦେଖିବାକୁ ମିଳିଥିଲା ।ଉକ୍ତ କାର୍ଯ୍ୟକ୍ରମ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଓଡ଼ିଶା ଟାଟା ଆର୍ଚେରି ହାଇ ପର୍ଫମାନ୍ସ ସେଂଟର ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚାରୋଟି ପଦକ




କେନ୍ଦୁଝର (ନି.ପ୍ର.): ଓଡିଶାର କେନ୍ଦୁଝରରେ ଅବସ୍ଥିତ ଓଡିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଂଟର (ଓଟିଏଚପିସି) ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬ର ପ୍ରଥମ ସଂସ୍କରଣରେ ଚାରୋଟି ପଦକ ହାସଲ କରିଛି । ଏହି ପ୍ରତିଯୋଗିତା ଛତିଶଗଡ଼ର ରାଇପୁରରେ ମାର୍ଚ୍ଚ ୨୫ ରୁ ଏପ୍ରିଲ ୦୩, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି ସେଂଟରର ଅର୍ଜୁନ ଖାରା (୨୩) ରିକର୍ଭ ବ୍ୟକ୍ତିଗତ ବିଭାଗରେ ସୁନା ପଦକ ଜିତି ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଚ୍ୟାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଅର୍ଜୁନ, ରିକର୍ଭ ମିକ୍ସଡ୍ ଟିମ୍ ଓ ରିକର୍ଭ ଟିମ୍ ବିଭାଗରେ ମଧ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି ।ସେହିପରି ଓଟିଏଚପିସି ର ରମାଇ ମୁର୍ମୁ (୧୬) ରିକର୍ଭ ଟିମ୍ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୦୬ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ କର୍ଣ୍ଣାଟକ ୨୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ସହିତ ସମଗ୍ର ଚ୍ୟାମ୍ପିଅନ୍ ହୋଇଛି, ଯେଉଁଠାରେ ଓଡିଶା ୨୧ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୨୧ଟି କାଂସ୍ୟ ପଦକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି । ପ୍ରାୟ ୩,୮୦୦ ଖେଳାଳି ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ନଅଟି ବିଭାଗରେ ଅଂଶଗ୍ରହଣ କରିଥିଲେ, ଯାହା ଏହି ଖେଳର ପରିମାଣ ଓ ଗୁରୁତ୍ୱକୁ ପ୍ରକାଶ କରେ । ୨୦୧୮ ମସିହାରେ ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଙଇଓ) ଓ ଯୁବକାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରଣାଳ କାୟ ଦ୍ୱାରା ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପ୍ରୟାସ ଦେଶବ୍ୟାପୀ ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଓଟିଏଚପିସି ହେଉଛି ଓଡିଶା ସରକାର ଓ ଟାଟା ଷ୍ଟିଲ୍ ?ର ଏକ ସଂଯୁକ୍ତ ପ୍ରୟାସ, ଯାହା କେନ୍ଦୁଝରରେ ସ୍ଥାପିତ ହୋଇ ତୀରନ୍ଦାଜୀ ମାନଙ୍କୁ ଆଧୁନିକ ସାମଗ୍ରୀ ଓ ପେଶାଦାର ପ୍ରଶିକ୍ଷଣ ମାଧମରେ ପ୍ରଶିକ୍ଷିତ କରୁଛି ।

# ବ୍ରହ୍ମପୁରରେ ଗଞ୍ଜାମ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର(ନି.ପ୍ର.) - ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ବ୍ରହ୍ମପୁର ଉନ୍ନୟନ କର୍ତୃପକ୍ଷ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଶ୍ରେଣୀ ଗୃହର ଉଦ୍ଘାଟନ କରାଯାଇଛି କ୍ଷ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନିଲ କୁମାର,ଚିକିଟି ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା,ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର ,ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ , ଗଞ୍ଜାମ ଜିଲ୍ଲାପାଳ ଡ଼ି କୀର୍ତି ୱାସନ୍ , ଦକ୍ଷିଣାଂଚଳ ଆଇ ଜି ଶ୍ରୀ ନିତି ଶେଖର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ସୁଶ୍ରୀ ଏ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଶ୍ରୀ ଅବିନାଶ କୁମାର ଉପସ୍ଥିତ ରହିଥିଲେ । ଗଞ୍ଜାମ ଜିଲ୍ଲାରେ ପ୍ରଥମ ଥର ଜିଲ୍ଲା ପ୍ରଶାସନ ତରଫରୁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧମରେ ସିଭିଲ ସର୍ଭିସ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି କ୍ଷ ଜାନୁଆରୀ ମାସରେ ଆୟୋଜିତ ହୋଇଥିବା ପରୀକ୍ଷାରେ ପ୍ରାୟ ୭୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୦ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି କ୍ଷ ସେଥିମଧ୍ୟରୁ ବ୍ରହ୍ମପୁରର ୭୦ଜଣ ପରୀକ୍ଷାର୍ଥୀ ଆଜି ଉପସ୍ଥିତ ରହିଥିଲେ କ୍ଷ ଆଜିଠାରୁ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି କ୍ଷ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବ୍ୟତୀତ ଛତ୍ରପୁର ଓ ଭଞ୍ଜନଗର ଠାରେ ମଧ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍ଘାଟନ କରାଯିବ କ୍ଷ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ସୁବିଧା ରହିଛି କ୍ଷ ଗଞ୍ଜାମ ଜିଲ୍ଲାର ଯୁବକ ଓ ଯୁବତୀଙ୍କୁ ଭାରତୀୟ ପ୍ରଶାସନିକ ସେବା,ଓଡ଼ିଶା ପ୍ରଶାସନିକ ସେବା ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତୀର୍ଣ୍ଣ ହେବାପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ କ୍ଷ ଦିଲ୍ଲୀରେ ଅବସ୍ଥିତ ସାରଥି ଆଇ ଏ ଏସ କୋଚିଙ୍ଗ ସେଂଟରର ଅଧ୍ୟାପକମାନେ ଅନଲାଇନ ଓ ସିଧା ପ୍ରସାରଣ ମାଧମରେ ଏବଂ ଗଞ୍ଜାମ ଜିଲ୍ଲାର ଆଇ ଏ ଏସ ଏବଂ ଓ ଏ ଏସ ଅଧିକାରୀମାନେ ନିଜେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବେ କ୍ଷ ଏହି ଠାରେ ପରୀକ୍ଷାର୍ଥୀମାନଙ୍କ ପାଇଁ ପାଠାଗାର ର ମଧ ସୁବିଧା ରହିଛି ।

# ପୁରୀ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳିତ

ପୁରୀ (ନି.ପ୍ର.) ପୁରୀ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଯୋଗ ଦେଇ ସମସ୍ତ ପିଲା ପଢନ୍ତୁ ଓ ସମସ୍ତ ପିଲାଙ୍କ ର ସାମଗ୍ରିକ ବିକାଶ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହେବ ବୋଲି କହିଥିଲେ ।ସରକାର ଏଥିପାଇଁ ପିଲା ଓ ଅଭିଭାବକ ଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ରେ ପ୍ରବେଶ ଉତ୍ସବ ସହ ଖଡି ଛୁଆଁ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଜିଲ୍ଲା ରେ ଚଳିତ ବର୍ଷ ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ପିଲା ମାନଙ୍କର ନାମଲେଖା ର ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେବା ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ ।ଏହି ରଥ ଜିଲ୍ଲା ର ବିଭିନ୍ନ ଅଂଚଳ ପରିଭ୍ରମଣ କରିବା ସହ ଶିକ୍ଷା ପ୍ରତି ପିଲା ମାନଙ୍କୁ ଆକୃଷ୍ଟ କରିବା ଓ ଡ୍ରପ ଆଉଟ ସଂଖ୍ୟା ଶୂନ କରିବା ଲକ୍ଷ୍ୟ ରେ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ବ୍ୟବସ୍ଥା ଏକ ସୁନ୍ଦର ପଦକ୍ଷେପ ।ଏହା ଦ୍ୱାରା ପିଲା ଓ ଅଭିଭାବକ ମାନେ ଏକ ସୁଖଦ ଅନୁଭୂତି ପାଇବା ସହ ପାଠ ପ୍ରତି ଆଗ୍ରହୀ ହେବେ ବୋଲି କହିଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଡିଆଇଟିଇ ର ଅଧକ୍ଷ ସନ୍ତୋଷ କୁମାର ପରିଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ,ଗୋବିନ୍ଦ ହେମ୍ବ୍ରମ,ଆଲୁମିନ ସମ୍ପାଦକ ରାଜ କିଶୋର ପାତ୍ର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଥିଲେ ।ପ୍ରାରମ୍ଭରେ ବନ୍ଦେ ମାତରମ ସଂଗୀତ ପରିବେଷଣ ସହ ନୂତନ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଦାନ ପାଇଁ ପୂଜାର୍ଚ୍ଚନା କରାଯାଇ ପାଠ୍ୟ ଉପକରଣ ପ୍ରଦାନ କରା ଯାଇଥିଲା ।ବିବିଧ ଶିକ୍ଷା ପ୍ରଣାଳୀ ଓ ପିଲା ମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲକ୍ଷ୍ୟ ରେ ଏକ ପ୍ରଦର୍ଶନୀ ର ଆୟୋଜନ କରାଯାଇଥିଲା । ଶିକ୍ଷକ,ଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଏହି ଉତ୍ସବ ରେ ଉପସ୍ଥିତ ଥିଲେ ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ




କେନ୍ଦୁଝର, (ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ସ୍ୱରସତି ଶିଶୁ ବିଦ୍ୟା ମନ୍ଦିର ଠାରେ ଶନିବାର ଝୁମ୍ପୁରା ମଣ୍ଡଳ ତରଫରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି ।ଏହି ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଉଦଘାଟନୀ ସମାରୋହରେ ଭାରତୀୟ ଜନତା ପାର୍ଟିର ଝୁମ୍ପୁରା ମଣ୍ଡଳ ସଭାପତି ଉମାକାନ୍ତ ମହାନ୍ତ, ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ଞ୍ଜଷର ଜିଲ୍ଲା ଯୁବ ମୋର୍ଚ୍ଚା ଉପୁଭାପତି ଅନିଦ୍ୟ ବେହେରା, ଞ୍ଜଷର ଜିଲ୍ଲା ଉପୁଭାପତି ପଂଚାନନ ସାହୁ ଏବଂ ବିବେକାନନ୍ଦ ମହାନ୍ତ, ଝୁମ୍ପୁରା ମଣ୍ଡଳ ସାଧାରଣ ସମ୍ପାଦକ ପୁଷ୍ପକ କୁମାର ମହାନ୍ତ , ଶିକ୍ଷାବିଭାଗର ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକର୍ତା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ଏହି ଉପ୍ତଇ ଦିନିଆ ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକର୍ତା ମନଙ୍କୁ ବୈଚାରିକ ଅଧିଷ୍ଠାନ, ଭାରତୀୟ ଜନତା ପାର୍ଟିର ଇତିହାସ ଏବଂ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟିକୋଣ, ଦଳର କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନ୍ୱୟନ, ସାମାଜିକ ଗଣମାଧ୍ୟମ ଏବଂ ଏଆଇ, ନମୋ ଆପ୍, ସରଳ ଆପ୍, ବୁଥ ପରିଚାଳନା, ମନ୍ କି ବାତ୍ ବୈଠକ, ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ, ରାତ୍ରି ଅନୌପଚାରିକ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ଏବଂ ଆସନ୍ତା ନା ୨୦୪୭ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ରାଷ୍ଟ୍ର ଭାବରେ ଭାରତକୁ ବିଶ୍ୱରେ ଏକ ନମ୍ବର ସ୍ଥାନରେ ପହଂଚାଇବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି ଏବଂ ୨୦୩୬ ରେ ଓଡ଼ିଶା ରାଜ୍ୟର ପ୍ରତିଷ୍ଠାକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ରାଜ୍ୟକୁ ଦେଶର ଏକ ନଂ ରାଜ୍ୟ ଭାବେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ସଂକଳ୍ପ ନେଇଛନ୍ତି ତାହା ଏହି କାର୍ଯ୍ୟକର୍ତା ମାନେ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିତ ହୋଇ ଦେଶ ଏବଂ ରାଜ୍ୟର ବିକାଶରେ ସମିଲ ହେବା ସହ ସେମାନଙ୍କର ଅବଦାନ ରହିବ ଞ୍ଜଷର ଲସକ୍ସୃଷ୍ପ କୁଭର ଙ୍ଗବସ୍ପ ଞ୍ଜଷର ଜନତା ପାର୍ଟିର କେନ୍ଦୁଝର ଜିଲ୍ଲା ଉପ ସଭାପତି ବିବେକାନନ୍ଦ ମହାନ୍ତ କହିଥିଲେ । ରବିବାର ସକାଳେ କାର୍ଯ୍ୟକର୍ତା ମାନଙ୍କୁ ଯୋଗ ଶିକ୍ଷା ଦିଆଯିବ । ଏହି ପ୍ରଶିକ୍ଷଣ ବର୍ଗରେ ମଣ୍ଡଳ କାର୍ଯ୍ୟକାରିଣୀ, ଶକ୍ତି କେନ୍ଦ୍ର ପ୍ରମୁଖ, ଉଖୁଣ୍ଡା ମଣ୍ଡଳ ଏସ.ସି ମୋର୍ଚ୍ଚା ସଭାପତି ଗଗନ କୁମାର ପାତ୍ର , ଝୁମ୍ପୁରା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି କୁନ୍ଦନ କାରୁଆ ,ବିଭିର୍ଣ୍ଣ ମୋର୍ଚ୍ଚାର ସଭାପତି ଏବଂ ସାଧାରଣ ସମ୍ପାଦକ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ ।ପ୍ରଥମ ଦିନରେ ପ୍ରଶିକ୍ଷକ ଭାବେ ପଂଚାନନ ସାହୁ,ବିବେକାନନ୍ଦ ମହାନ୍ତ,ଅମରବର ଖଟୁଆ, ଅନୁବ୍ରତ ବେହେରା ଥିଲେ ।ପଞ୍ଜିକରଣ ବିଭାଗାର ମାଟୁରାମ ମୁଣ୍ଡା,ସାନ୍ତୁନୁ କୁମାର ସେଠି ଏବଂ ନିରଞ୍ଜନ ବାରିକ ଥିବା ବେଳେ ଅତିଥି ସତ୍କାର ଦାୟିତ୍ୱରେ ପୁଷ୍ପକ ମହାନ୍ତ, ମଂଚ ପରିଚାଳନାରେ ବିଜୟାନନ୍ଦ ବେହେରା, ଭୋଜନା ବ୍ୟବସ୍ଥା ଓ ଜଳ ପାନ ବ୍ୟବସ୍ଥାର ନାରାୟଣ ସାହୁ, କକ୍ଷ ବ୍ୟବସ୍ତାରେ ଅନିଦ୍ୟ ବେହେରା,ସୂଚନା ବିଭାଗାର ପଂଚାନନ ସାହୁ, ସର୍ବ ବ୍ୟବସ୍ଥାରେ ମହେନ୍ଦ୍ର ପଟ୍ଟନାୟକ, କାର୍ଯ୍ୟଳୟ ପ୍ରମୁଖ ଉମାକାନ୍ତ ମହାନ୍ତ ଏବଂ ବୈଚାରିକ ପଦ୍ଧତିରେ ମହମ୍ମଦ ମଜହର, ଏମଡି ଯାଏଦ ଆନସାରୀ, ଏମଡି ମଜାହିଦ ଆଲାମ, ଏମଡି ବାର୍ଷିଦ ଆନସାରୀ, ଏମଡି ରସିଦ ପରିଚାଳନାରେ ସହଯୋଗ କରିଥିଲେ ।

# ଏମକେସିଜି ମେଡ଼ିକାଲରେ ଅବ୍ୟବସ୍ଥା: ରେଡ଼ିଓଲୋଜି ବିଭାଗରେ ରୋଗୀ ହେଉଛନ୍ତି ଅସ୍ତବ୍ୟସ୍ତ

ବ୍ରହ୍ମପୁର(ନି.ପ୍ର.): ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର ଏମକେସିଜି ମେଡ଼ିକାଲରେ ରେଡ଼ିଓଲୋଜି ବିଭାଗରେ ଗୁରୁତର ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଏଥିପାଇଁ ରୋଗୀମାନେ ଦୀର୍ଘ ସମୟ ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁସାରେ, ଏକ୍ସ-ରେ ପରୀକ୍ଷା ପାଇଁ ଶହ ଶହ ରୋଗୀ ଘଂଟା ଘଂଟା ଧରି ଧାଡ଼ିରେ ଛିଡ଼ା ରହୁଥିବା ବେଳେ, କର୍ମଚାରୀମାନେ ସେଥି ଅନୁସାରେ ତତ୍ପରତା ପ୍ରକାଶ କରୁନାହାନ୍ତି କ୍ଷ ଅନେକ କ୍ଷେତ୍ରରେ ରୋଗୀମାନଙ୍କ ଏକ୍ସ-ରେ ହୋଇ ନ ପାରି ସେମାନେ ନିରାଶ ହୋଇ ଫେରୁଛନ୍ତି ।ବିଶେଷକରି ମଧ୍ୟାହ୍ନ ଭୋଜନ ବିରତି ସମୟରେ ବିଭାଗର କାର୍ଯ୍ୟ ପ୍ରାୟ ଠପ୍ ହୋଇଯାଉଛି । ନିର୍ଦ୍ଧାରିତ ୧.୩୦ ରୁ ୨.୩୦ ପରିବର୍ତେ କର୍ମଚାରୀମାନେ ଦୁଇ ଘଂଟାରୁ ଅଧିକ ସମୟ ବିରତି ନେଉଥିବାରୁ ରୋଗୀମାନେ ଅଧିକ କଷ୍ଟ ପାଉଛନ୍ତି । ଦୂର ଅଂଚଳରୁ ଆସୁଥିବା ରୋଗୀମାନେ ଅତିରିକ୍ତ ଖର୍ଚ୍ଚ ସହ ଆଉ ଗୋଟିଏ ଦିନ ରହିବାକୁ ବାଧ ହେଉଛନ୍ତି କ୍ଷ ଏହାସହିତ, କିଛି କର୍ମଚାରୀଙ୍କ ଅସଦ୍ ବ୍ୟବହାର ଓ ଅନଭିଜ୍ଞ ନର୍ସମାନଙ୍କ ତରଫରୁ ସଠିକ୍ ପରାମର୍ଶ ନ ମିଳିବା ନେଇ ମଧ ଅଭିଯୋଗ ହେଉଛି କ୍ଷ ଏପରି ପରିସ୍ଥିତିରେ ମେଡ଼ିକାଲ୍ ଅଧୀକ୍ଷକ ଡା. ଦୁର୍ଗା ପ୍ରସାଦ ଶତପଥୀଙ୍କ ନିୟନ୍ତ୍ରଣ ଓ ପରିଚାଳନା ଉପରେ ପ୍ରଶ୍ନ ଉଠୁଛି । ଏନେଇ ମାନବ ଅଧିକାର ସୁରକ୍ଷା ମଂଚର ଆବାହକ ଓ ଆଇନଜୀବି ଅବନୀ ଗୟା କହିଛନ୍ତି ଯେ, ମଧ୍ୟାହ୍ନ ବିରତି ନାମରେ ରୋଗୀମାନଙ୍କୁ ଅସୁବିଧାରେ ପକାଇବା ଯୁକ୍ତିଯୁକ୍ତ ନୁହେଁ । ବିଭିନ୍ନ ବିଭାଗରେ ପାଳି କରି କାମ କରାଯିବାକୁ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ କାର୍ଯ୍ୟ ସମୟ ସମସ୍ତ ବିଭାଗର ସୂଚନା ଫଳକରେ ସ୍ପଷ୍ଟ ଭାବେ ଦର୍ଶାଇବାକୁ ସେ ଦାବି କରିଛନ୍ତି ।




# ବିନା ଇନ୍ଧନରେ ପରିବହନ ସଚେତନତା କାର୍ଯ୍ୟକ୍ରମ କଲା ସରକାରୀ ମହିଳା ମହାବିଦ୍ୟାଳୟ

କେନ୍ଦୁଝର(ନି.ପ୍ର.): ବଢୁଥିବା ପରିବେଶ ପ୍ରଦୂଷଣକୁ ଆଖି ଆଗରେ ରଖି ପରିବେଶର ସୁରକ୍ଷା ଓ ବାୟୁମଣ୍ଡଳାର ପ୍ରଦୂଷଣର ମାତ୍ରା ହ୍ରାସ ଲକ୍ଷରେ ଶନିବାର ସରକାରୀ ମହିଳା ମହାବିଦ୍ୟାଳୟାର ' ବିନା ଇନ୍ଧନ ବ୍ୟବହାରରେ କାର୍ଯ୍ୟାଳୟକୁ ଆସିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇ ଯାଇଛି । ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ମହାବିଦ୍ୟାଳୟକୁ ପାଦରେ ଚାଲି ଚାଲି, ସାଇକେଲରେ, ସାର୍ବଜନୀନ ପରିବହନରେ ଓ ବିଜୁଳି ଚାଳିତ ଯାନରେ ମହାବିଦ୍ୟାଳୟ ପରିସରକୁ ଆସିଥିଲେ । ଏହାଦ୍ୱାରା ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ବ୍ୟବହାର କରିବାରୁ ବିରତ ରହି ସଚେତନତାକୁ ଆହୁରି ଆଗକୁ ନେବାକୁ ଅଧକ୍ଷ ଡ. ସାହୁ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । କେବଳ ଶନିବାର ନୁହେଁ ବରଂ ଏହି ସଚେତନତା ବର୍ଷ ତମାମ ସପ୍ତାହର ପ୍ରତ୍ୟେକ ଶନିବାରକୁ ଧାର୍ଯ୍ୟ ରଖିବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ଓ ଏଭଳି ପ୍ରୟାସ ନିୟମିତ ଭାବେ ଅଗ୍ରସର କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ଗୀତାଞ୍ଜଳି ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ବିନା ଇନ୍ଧନ ବ୍ୟବହାର ଦିବସାର ଛାତ୍ରୀମାନେ ଯଥା ସମ୍ଭବ କମ ଇନ୍ଧନ ବ୍ୟବହାର କିମ୍ବା ବିନା ଇନ୍ଧନ ବ୍ୟବହାରରେ ମହାବିଦ୍ୟାଳୟ ପରିସର ଆସିବା ପାଇଁ ସ୍ୱ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।



# ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୬' ଅନୁଷ୍ଠିତ



ଝାରସୁଗୁଡା(ନି.ପ୍ର.) ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ର ସଫଳ ରୂପାୟନ ତଥା ଶିକ୍ଷା ବର୍ଷ ୨୦୨୬ର ଶୁଭାରମ୍ଭ ଅବସରରେ ଝାରସୁଗୁଡା ଜିଲ୍ଲାରେ ସ୍ୱତନ୍ତ୍ର ଶିକ୍ଷା ଅଭିଯାନ ଆରମ୍ଭ ହୋଇଛି । ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା, ଝାରସୁଗୁଡାର ମିଳିତ ଆନୁକୂଲ୍ୟରେ ଆଜି ପୁରୁଣାବସ୍ତିସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ "ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ୨୦୨୬" ଅନୁଷ୍ଠିତ ହୋଇଯାଇଛି ।ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି କୁନି ଶିଶୁମାନଙ୍କୁ ଖଡ଼ି ଛୁଆଁଇ ସେମାନଙ୍କର ବିଦ୍ୟା ଶିକ୍ଷାର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ସଦର ବ୍ଲକ ପାଇଁ ଏକ 'ଶିକ୍ଷା ସଚେତନତା ରଥ'ର ଶୁଭାରମ୍ଭ ମଧ କରିଥିଲେ । ଏହି ରଥ ଆସନ୍ତା ଅପ୍ରେଲ ୧୦ ରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ପରିକ୍ରମା କରି ୫ ବର୍ଷରୁ ଅଧିକ ପିଲାଙ୍କୁ "ଶିଶୁ ବାଟିକା" ଏବଂ ୬ ବର୍ଷରୁ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବ । ପିଲାମାନଙ୍କ ପାଇଁ ବିଦ୍ୟାଳୟରେ 'ଖେଳ ପରିସର', 'କଳା ଓ ସୃଜନଶୀଳ ପରିସର' ଏବଂ 'ଗଳ୍ପ କଥନ ପରିସର' ଭଳି ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି, ଯାହା ଅପ୍ରେଲ ୬ ରୁ ୮ ରିଖ ପର୍ଯ୍ୟନ୍ତ ଜାରି ରହିବ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ନାମଲେଖା ପ୍ରକ୍ରିୟାରେ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରବୀନ୍ଦ୍ର ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, ଏବିଇଓ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବିଜ୍ଞାନ ନିରୀକ୍ଷକ ଶ୍ରୀ ସଦାନନ୍ଦ ଦାଶ ଏବଂ ପୂର୍ବତନ ଛାତ୍ର ଶ୍ରୀ ଅଶୋକ ମହାପାତ୍ର ଯୋଗଦେଇଥିଲେ । ଜିଲ୍ଲା ସଂଯୋଜିକା ଶ୍ରୀମତୀ ଖୁଲଣା ସୁନ୍ଦରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆରସିସି ଶ୍ରୀ ଲିଙ୍ଗରାଜ ବେହେରା, ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ଓ ଶିକ୍ଷକ ବିପିନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନେତୃତ୍ୱରେ 'ଓଡ଼ିଆ ନାମଫଳକ ସଚେତନତା ପଦଯାତ୍ରା' ଅନୁଷ୍ଠିତ



ଝାରସୁଗୁଡ଼ା,(ନି.ପ୍ର.) ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଭବ୍ୟ 'ଓଡ଼ିଆ ଭାଷା ନାମଫଳକ ସଚେତନତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ କରକମଳରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ପଦଯାତ୍ରା ସହରର ମୁଖ୍ୟ ରାସ୍ତା ପରିକ୍ରମଣ କରିବା ସହ ଭାଷା ପ୍ରୀତି ଓ ସଚେତନତାର ବାର୍ତା ବାଂଟିଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରର ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରିବା । ପଦଯାତ୍ରା କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବୁଲି ଓଡ଼ିଆ ଭାଷାରେ ବୋର୍ଡ ଲଗାଇବା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ସଚେତନତାଧର୍ମୀ ଲିଫଲେଟ୍ ବଂଟନ କରିଥିଲେ । ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ମାତୃଭାଷାର ଗୁରୁତ୍ୱ ଓ ଆଇନଗତ ପ୍ରାବଧାନ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଜିଲ୍ଲା ହୋଟେଲ ଆସୋସିଏସନର ସଭାପତି, ଚାମ୍ବର ଅଫ କମର୍ସର ସଭାପତି, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟ ଓ ଏଲ.ଏନ. ମହାବିଦ୍ୟାଳୟର ଅଧକ୍ଷ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହିତ ସାଂସଦ ପ୍ରତିନିଧି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ବିଭିନ୍ନ ଏନଜିଓ ସଂସ୍ଥା ଓ ମହିଳା ସଂଗଠନର ସଦସ୍ୟାମାନେ ସାମିଲ ହୋଇଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଓଡିଆ ଜାତିର ଗର୍ବ ଓ ଗୌରବ । ତାଙ୍କର ସାରସ୍ୱତ ସାହିତ୍ୟ କୃତି ଓଡିଆ ଭାଷା ଓ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି । ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଆଦର୍ଶ । ଆଜି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଆଜି ସ୍ୱଭାବ କବିଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, ବିଶିଷ୍ଟ ରାଜନେତା ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ଚାରଣ କରିଛନ୍ତି ।










## ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ତୃତୀୟ ଦୀକ୍ଷାନ୍ତ ସମାରୋହରେ ଯୋଗଦେଲେ ଉପରାଷ୍ଟ୍ରପତି



ବିହାର : ବିହାରର ପୂର୍ବ ଚମ୍ପାରଣ ଜିଲ୍ଲାର ମୋତିହାରୀରେ ଅବସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ଦୀକ୍ଷାନ୍ତ ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗବେଷକମାନଙ୍କୁ ସମ୍ବୋଧନ କରି ବିହାରର ଐତିହାସିକ ଏବଂ ଚିନ୍ତାଧାରାର ଐତିହ୍ୟକୁ ପ୍ରଶଂସା କରିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି ଯେ, ଏହି ଭୂମି "ମହାନ ଚିନ୍ତାଧାରାର ଭୂମି" ଅଟେ, ଯେଉଁଠାରେ ଗୌତମ ବୁଦ୍ଧ ଏବଂ ମହାତ୍ମା ଗାନ୍ଧୀ ପରି ମହାନ ବ୍ୟକ୍ତିତ୍ୱମାନେ ଜ୍ଞାନ ଲାଭ କରି ନିଜ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରିଥିଲେ । ସେ କହିଛନ୍ତି ଯେ, ବିହାର ଭୂମିରେ ହିଁ ବୌଦ୍ଧ ଧର୍ମ, ଜୈନ ଧର୍ମ ଏବଂ ସମାଜବାଦୀ ଚିନ୍ତାଧାରାର ଉତ୍ପତି ହୋଇଛି । ସେ ଜୟପ୍ରକାଶ ନାରାୟଣଙ୍କ ଉଲ୍ଲେଖ କରି କହିଛନ୍ତି ଯେ, ସେ ଦେଶର ନୈତିକ ଏବଂ ରାଜନୈତିକ ସଚେତନତାକୁ ନୂତନ ଦିଗ ଦେଇଥିଲେ । ସେହିପରି, ନିଜ ଯୁବାବସ୍ଥାର ସ୍ମୃତି ଉଲ୍ଲେଖ କରି ୧୯୭୪ ମସିହାର ବିପ୍ଳବରେ ନିଜ ଅଂଶଗ୍ରହଣ ବିଷୟରେ କହିଛନ୍ତି । ସି.ପି. ରାଧାକୃଷ୍ଣନ କହିଛନ୍ତି, "ବିହାର ଲୋକନାୟକ ଜୟପ୍ରକାଶ ନାରାୟଣ ପରି ଦୂରଦର୍ଶୀ ନେତା ଦେଇଛି, ଯିଏ ଭାରତର ନୈତିକ ଏବଂ ରାଜନୈତିକ ସଚେତନତାକୁ ଆକାର ଦେଇଛନ୍ତି । ମୁଁ ନିଜେ, ଯେତେବେଳେ ୧୮ କିମ୍ବା ୧୯ ବର୍ଷର ଥିଲି, କୋଏମ୍ବାଟୁରର ଜିଲ୍ଲା ମହାସଚିବ ଭାବେ ୧୯୭୪ ର ବିପ୍ଳବର ଅଂଶ ହୋଇଥିଲି ।" ସେ କହିଛନ୍ତି ଯେ, ପିଛଲା ଦଶକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଅସାଧାରଣ ଉନ୍ନତି କରିଛି । ସେ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରବାଦକୁ ଅଙ୍ଗୀକାର କରିବାକୁ ଏବଂ ଏକ ସୁସ୍ଥ, ସଶକ୍ତ ଓ ନୈତିକ ସମାଜ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ, ଯେଉଁ ସମାଜ କୌଣସି ଅନୈତିକ କାର୍ଯ୍ୟକୁ ସ୍ୱୀକାର କରିବ ନାହିଁ ।

## ଆଇଆଇଏମ୍ ସମ୍ବଲପୁରର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ

ଭୁବନେଶ୍ୱର : ସ୍ନାତକମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଏପ୍ରିଲ ୪ତାରିଖ ଶନିବାର ଦିନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟ (ଆଇଆଇଏମ) ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଭାରତରେ ଉଦ୍ୟମିତା ଏବଂ ନବସୃଜନର ବର୍ଦ୍ଧିତ ସୁଯୋଗ ଉପରେ ଆଲୋକପାତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି କ୍ଷ ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଉଦବୋଧନ ଦେଇ ଦେଶରେ 'ଅଭୂତପୂର୍ବ ଷ୍ଟାର୍ଟଅପ୍ ବିପ୍ଳବ' ଉପରେ ଆଲୋକପାତ କରି ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ଭଳି ପ୍ରମୁଖ ପଦକ୍ଷେପ ଦ୍ୱାରା ଏହା ପରିଚାଳିତ ବୋଲି କହିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ଥିର ଭାବରେ ଷ୍ଟାର୍ଟଅପ୍, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ବିଶ୍ୱରେ ଏକ କେନ୍ଦ୍ର ଭାବରେ ଉଭା ହୋଉଛି ଯାହା ପାଣ୍ଠି, ପରାମର୍ଶ ଏବଂ ନୀତି ସମର୍ଥନର ଏକ ଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ହୋଇଛି । ପ୍ରତିଷ୍ଠାନର କାର୍ଯ୍ୟାବଳୀକୁ ରାଜ୍ୟପାଳ ପ୍ରଶଂସା ପ୍ରକାଶ କରି ଆଇଆଇଏମ୍ ସମ୍ବଲପୁରକୁ ନବସୃଜନ, ସମାବେଶୀ ଏବଂ ଶୈକ୍ଷିକ ଉତ୍କର୍ଷତାର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ, ଯାହା ସାଂସ୍କୃତିକ ଐତିହ୍ୟକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷା ସହିତ ସମିଶ୍ରଣ କରିଛି । ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର ୱାରକିଂଗ ପ୍ରଫେସନାଲ ସ୍ନାତକମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ଏବଂ ଅଧ୍ୟାପକ ଓ ଅଭିଭାବକଙ୍କ ଅବଦାନକୁ ମଧ୍ୟ ପ୍ରଶଂଶା କରିଥିଲେ । ଏତଦବ୍ୟତୀତ ଏହି ସମାବର୍ତ୍ତନ ଉତ୍ସବ ସଫଳତା ଏବଂ ଦାୟିତ୍ୱ ଉଭୟକୁ ଚିହ୍ନିତ କରେ ବୋଲି ରାଜ୍ୟପାଳ କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନକୁ ସଚ୍ଚୋଟତା ଏବଂ ଉଦ୍ଦେଶ୍ୟ ସହିତ ବିଶ୍ୱର ବାସ୍ତବ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ । ସମୟ ଓ ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ ଚାଲିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ନୋକିଆ କମ୍ପାନୀର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ସହିତ ତାଳ ଦେଇ ନପାରିବା କାରଣରୁ ବଜାର ପ୍ରାଧାନ୍ୟ ହରାଇଥିଲା ବୋଲି କହିଥିଲେ । ସେହିପରି ପରାଗ ଅଗ୍ରୱାଲଙ୍କ କଥା ମଧ୍ୟ ଉଲ୍ଲେଖ କରିଥିଲେ । ଟ୍ୱିଟରର ନେତୃତ୍ୱରୁ ହଟିଯିବା ପରେ ତାଙ୍କ ସ୍ଥିରତା ଏବଂ ନୂତନ ଉଦ୍ୟମ ମାଧ୍ୟମରେ ପୁନଃନିର୍ମାଣ ପାଇଁ ତାଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ ।




## ମୁଖ୍ୟମନ୍ତ୍ରୀଙ୍କୁ ୱାର୍ଲ୍ଡ ଆଥେଲେଟିକ୍ସ ଚାମ୍ପିଅନସିପ୍ ପତାକା ପ୍ରଦାନ କଲେ କ୍ରୀଡ଼ାମନ୍ତ୍ରୀ




ଭୁବନେଶ୍ୱର : କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ପତାକା ଶନିବାର ପ୍ରଦାନ କରିଛନ୍ତି । ଏହି ପତାକାକୁ ଗ୍ରହଣକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା କେବଳ ଏକ ଇଭେଂଟ ନୁହେଁ, ଏହା ଓଡିଶାର କ୍ରୀଡାପାଇଁ ଏକ ଐତିହାସିକ ମୁହୂର୍ତ୍ତ । ୨୦୨୮ ପାଇଁ କାଉଂଟଡାଉନ୍ ଆରମ୍ଭ ହେବା ସହିତ ଏହି ପତାକା ଆମ ଆଶା, ଆକାଂକ୍ଷା ଓ ଗୌରବମୟ ଯାତ୍ରାର ପ୍ରତୀକ । ଏହା ହେଉଛି ସାରା ବିଶ୍ୱକୁ ଓଡିଶାର ପ୍ରତିଶ୍ରୁତି-ଏକ ସଫଳ, ଆକର୍ଷଣୀୟ ଆୟୋଜନ ପାଇଁ ଓଡିଶା ପ୍ରସ୍ତୁତ । ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ରବୀନ୍ଦ୍ର ଚୌଧୁରୀ ଏବଂ ଓଡିଶାର କ୍ରୀଡା ସଚିବ ଭୂପେନ୍ଦ୍ର ସିଂ ପୁନିଆ ପୋଲାଣ୍ଡରେ ଏହି ଚାମ୍ପିଅନସିପ୍ର ଫ୍ଲାଗ୍ ଗ୍ରହଣ କରିଥିଲେ । ଏହାଦ୍ୱାରା ଭାରତ ଓ ଓଡିଶାକୁ ଏହି ଚାମ୍ପିଅନସିପ୍ ଆୟୋଜନ କରିବାର ଦାୟିତ୍ୱ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ପୋଲାଣ୍ଡରେ ୱାର୍ଲ୍ଡ ଆଥଲେଟିକ୍ସର ପ୍ରେସିଡେଂଟ ସେବାଷ୍ଟିଆନ୍ କୋ ଭାରତର ଓଡିଶାରେ ଏହି ଚାମ୍ପିଅନସିପ୍ ହେବ ବୋଲି ଘୋଷଣା କରିଥିଲେ । ଏହାଦ୍ୱାରା ବିଶ୍ୱ କ୍ରୀଡା ପଟଳରେ ଓଡିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ । ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳୀମାନେ ପ୍ରତିଯୋଗିତା କରି ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିଥାନ୍ତି ।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ଉଦ୍‌ଘାଟନ କଲେ ମନ୍ତ୍ରୀ

ଭୁବନେଶ୍ୱର : ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି । ଏହି ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ । ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ମାନ୍ୟବର ରାଜସ୍ୱ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡିଆ ଭର୍ଚୁଆଲ୍ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି । ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲ୍ ଫୋନ୍ ର ବ୍ୟବହାର ଉପରେ ନିଷେଧାଦେଷ ଜାରି କରାଯାଇଛି । ନୂଆ ପାଠାଗାର ଉଦଘାଟନ ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



## ସଚିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ସବୁ ବିଭାଗ ପର୍ଯ୍ୟଟନକୁ ଫୋକସ କରିବାକୁ ସଚିବ ସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶ । ପର୍ଯ୍ୟଟନ କ୍ଷେତ୍ରରେ କେଉଁ ବିଭାଗ କଣ ଯୋଗ ଦାନ କରିପାରିବ ସେନେଇ ସଚିବ ସ୍ତରୀୟ ବୈଠକର ଆଲୋଚନା କରିଛନ୍ତି ଅନୁ ଗର୍ଗ । ଯେଉଁ ପର୍ଯ୍ୟଟକ ଇଣ୍ଡିଆକୁ ଆସିବାକୁ ନିଷ୍ପତି ନେଉଛନ୍ତି ସେମାନେ ଓଡିଶା ଆସିବା ଦରକାର । ଓଡିଶା ପ୍ରଥମ ପସନ୍ଦ ହେବା ଦରକାର । ଏନେଇ ସବୁ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଥିଙ୍କ ଇଣ୍ଡିଆ ଥିଙ୍କ ଓଡିଶା ଥିମରେ ଦୌଡିବ ଓଡିଶା ପର୍ଯ୍ୟଟନ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିବ ଓଡ଼ିଶା । ରାଜ୍ୟର ପର୍ଯ୍ୟଟନ ପହଂଚିବ ବିଶ୍ୱ ସ୍ତରରେ । ପର୍ଯ୍ୟଟନକୁ ବିଶ୍ୱସ୍ତରୀୟ କରିବାକୁ ହେଉଛି ଯୋଜନା ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ଶୁଦ୍ଧ ଓଡ଼ିଆ ଭାଷାରେ ଲେଖାହେବ ନାମଫଳକ

### ସମସ୍ତ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକଙ୍କୁ ଶ୍ରମ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର : ଶୁଦ୍ଧ ଓଡ଼ିଆ ଭାଷାରେ ଲେଖାହେବ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନର ନାମ । ନଲେଖିଲେ ଆଇନ ଅନୁଯାୟୀ ହେବେ ଦଣ୍ଡିତ । ଲୋୟର୍ ପିଏମଜିରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଶ୍ରମ ବିଭାଗ ପକ୍ଷରୁ ସମସ୍ତ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଲିକଙ୍କୁ କଡ଼ା ବାର୍ତ୍ତା ଦିଆଯାଇଛି । ଏନେଇ ଭୁବନେଶ୍ୱରରେ ସଚେତନ ରଥ ବାହାରିବା ସହ ବିଭାଗ ପକ୍ଷରୁ ପଦଯାତ୍ରା ଆୟୋଜନ ହୋଇଛି । ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁଯାୟୀ ଓଡ଼ିଆରେ ନାମ ଲେଖିବା ବାଧ୍ୟତାମୂଳ । ଯଦି କୌଣସି ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ନଲେଖନ୍ତି, ତେବେ ସେହି ପ୍ରତିଷ୍ଠାନର ମାଲିକଙ୍କୁ ପ୍ରଥମଥର ନିୟମ ଉଲଙ୍ଘନ ପାଇଁ ଅତି କମ୍‌ରେ ୫,୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ଦ୍ୱିତୀୟ କିମ୍ବା ପରବର୍ତ୍ତୀ ଉଲଂଘନ ପାଇଁ ଅତିକମ୍‌ରେ ୧୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ଯଦି କୌଣସି ପ୍ରତିଷ୍ଠାନରେ ଏହିଭଳି ନାମ ଫଳକ ସ୍ପଷ୍ଟ ଭାବେ ଲେଖା ହୋଇନଥିବ ତେବେ ଯେକେହି ବି ତୁରନ୍ତ ସ୍ଥାନୀୟ ଶ୍ରମ ଅଧିକାରୀ କିମ୍ବା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି । ଭୁବନେଶ୍ୱରରେ ୮ଟି ଦଳ ନିୟମ ଉଲଙ୍ଘନକାରୀଙ୍କୁ ଧରିବେ । ସେହିଭଳି ଓଡ଼ିଶାର ସବୁ ଜିଲ୍ଲାରେ ସ୍କାଡ୍ ରହିବେ ବୋଲି ଶ୍ରମ କମିଶନର କହିଛନ୍ତି । ଗତବର୍ଷ ୫ ଶହ ଦୋକାନୀଙ୍କୁ ଦଣ୍ଡିତ କରାଯାଇଥିବା କହିଛନ୍ତି ଶ୍ରମ କମିଶନର । ତେବେ ଓ love bhubaneswar ଓ ଶିଶୁ ଭବନ ଛକରେ ଥିବା Ekamrakhestraକୁ ଓଡ଼ିଆରେ ଲେଖିବା ପାଇଁ ବିଏମସି ଓ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଜଣାଇବେ ବୋଲି କହିଛନ୍ତି ।




## ପଶ୍ଚିମ ଏସିଆର ପରିସ୍ଥିତି ନେଇ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ନେଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : ଭାରତ ସରକାର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି । ପଶ୍ଚିମ ଏସିଆର ପରିସ୍ଥିତିର ପୃଷ୍ଠଭୂମି ପରିପେକ୍ଷୀରେ, ନିମ୍ନଲିଖିତ ଅପଡେଟ୍ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକର ବିବରଣୀ ନିମ୍ନ ପ୍ରକାରେ : ଶକ୍ତି ଯୋଗାଣ ଏବଂ ଇନ୍ଧନ ଉପଲବ୍ଧତା ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛି । ମନ୍ତ୍ରଣାଳୟ ଅନୁଯାୟୀ: ସାଧାରଣ ପରାମର୍ଶ ଏବଂ ନାଗରିକ ସଚେତନତା ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଏବଂ ନାଗରିକମାନଙ୍କୁ ପେଟ୍ରୋଲ ଏବଂ ଡିଜେଲର ଆତଙ୍କିତ କ୍ରୟ ଏବଂ ଅନାବଶ୍ୟକ ଏଲପିଜି ବୁକିଂ ଏଡାଇବାକୁ ପରାମର୍ଶ ଦିଆଯାଇଛି । ନାଗରିକମାନଙ୍କୁ ଗୁଜବ ପ୍ରତି ସତର୍କ ରହିବାକୁ ଏବଂ ସଠିକ୍ ସୂଚନା ପାଇଁ କେବଳ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି । ଏଲପିଜି ପାଇଁ, ନାଗରିକମାନଙ୍କୁ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଡିଜିଟାଲ୍ ମୋଡ୍ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନଜି, ଇଣ୍ଡକ୍ସନ୍ ଏବଂ ବୈଦ୍ୟୁତିକ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଛି । ବର୍ତ୍ତମାନର ପରିସ୍ଥିତିରେ, ସମସ୍ତ ନାଗରିକଙ୍କୁ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି । ସରକାରୀ ପ୍ରସ୍ତୁତି ଏବଂ ଯୋଗାଣ ପରିଚାଳନା ପଦକ୍ଷେପ ଏହି ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜି କୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ଏହା ସହିତ ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉଚ୍ଚ ପ୍ରାଥମିକତା ଦେଇଛନ୍ତି । ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ସହରାଂଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନ ଏବଂ ଗ୍ରାମାଂଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ । ଏଲପିଜି ଚାହିଦା ଉପରେ ଚାପ କମ କରିବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ବିକଳ୍ପ ପ୍ରଦାନ କରାଯାଇଛି । କୋଇଲା ମନ୍ତ୍ରଣାଳୟ ପୂର୍ବରୁ କ୍ଷୁଦ୍ର, ମଧ୍ୟମ ଏବଂ ଅନ୍ୟାନ୍ୟ ଗ୍ରାହକଙ୍କୁ କୋଇଲା ବଂଟନ ପାଇଁ ରାଜ୍ୟଗୁଡ଼ିକୁ ଅଧିକ ପରିମାଣ ଆବଂଟନ କରିବାକୁ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିଆରିଜ୍ଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛି । ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକ ଉଭୟଙ୍କ ପାଇଁ ନୂତନ ପିଏନଜି ସଂଯୋଗକୁ ସହଜ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି । ସମ୍ପ୍ରତି, ସଚିବ (ଏମ୍‌ଓପିଏନଜି) ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ଅତିରିକ୍ତ ମୁଖ୍ୟ ସଚିବ ଏବଂ ପ୍ରମୁଖ ସଚିବ (ଖାଦ୍ୟ ଏବଂ ଯୋଗାଣ)ଙ୍କ ସହିତ ଏକ ବୈଠକର ଅଧ୍ୟକ୍ଷତା କରି ଇନ୍ଧନ ଯୋଗାଣ ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଆଲୋକପାତ କରିଥିଲେ ।

## ଆଇପିଏଲ-୨୦୨୬ : ମୁମ୍ବାଇକୁ ୬ ୱିକେଟରେ ହରାଇ ଦ୍ୱିତୀୟ ଥର ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ : ଶନିବାର ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଆଇପିଏଲ୍ ୨୦୨୬ର ୮ମ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା । ଆଜିର ମ୍ୟାଚ୍‌ରେ ମୁମ୍ବାଇକୁ ୬ ୱିକେଟରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ । ଦଳ ପକ୍ଷରୁ ସମୀର ରିଜଭିଙ୍କ ଦର୍ଶନୀୟ ୯୦ ରନ୍‌ର ଇନିଂସ ଏବଂ ପାଥୁମ ନିଶଙ୍କାଙ୍କ ୪୪ ରନ୍‌ର ପାଳି ଦଳକୁ ବିଜୟ ଭେଟି ଦେଇଥିଲା । ଡେଭିଡ ମିଲର ୨୧ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳୀ ଦୁଇ ଅଙ୍କ ଛୁଇଁ ପାରି ନଥିଲେ । ଘରୋଇ ଗ୍ରାଉଣ୍ଡରେ ମୁମ୍ବାଇକୁ ହରାଇଛି ଦିଲ୍ଲୀ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ, ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂ କରି ମୋଟ ୧୬୨ ରନ୍ କରିଥିଲା । ଜବାବରେ, ସମୀର ରିଜଭିଙ୍କ ୭ ଚୌକା ଏବଂ ୭ ଛକା ସହାୟତାରେ ୯୦ ରନ୍‌ର ଇନିଂସ ଦିଲ୍ଲୀକୁ ୧୯ତମ ଓଭରରେ ସଫଳତାର ସହ ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥିଲା । ଏହା ଆଇପିଏଲ୍ ୨୦୨୬ରେ ଦିଲ୍ଲୀର ଲଗାତାର ଦ୍ୱିତୀୟ ବିଜୟ । ୧୬୩ ରନର ଟାର୍ଗେଟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସର ଆରମ୍ଭ ଖରାପ ହୋଇଥିଲା, କାରଣ ଓପନର କେଏଲ ରାହୁଲ କେବଳ ଗୋଟିଏ ରନ କରିପାରିଥିଲେ, କିନ୍ତୁ ନୀତିଶ ରାଣା ନିଜର ଖାତା ଖୋଲିପାରି ନଥିଲେ । ତଥାପି, ସମୀର ରିଜଭି ସମ୍ପୂର୍ଣ୍ଣ ଭିନ୍ନ ମନରେ କ୍ରିଜକୁ ଚାଲିଯାଇଥିଲେ । ସେ ୩୧ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ପଚାଶ ରନ ସ୍କୋରରେ ପହଂଚିବା ପରେ, ସେ ଏକ ଧମାକାଦାର, ଆକ୍ରମଣାତ୍ମକ ଢଙ୍ଗରେ ତାଙ୍କ ବ୍ୟାଟ ଚଳାଇବା ଆରମ୍ଭ କରିଥିଲେ । ସେ ୫୧ ବଲ୍‌ରେ ୭ ଚୌକା ଏବଂ ୭ ଛକା ମାରି ୯୦ ରନ୍ କରିଥିଲେ । ରିଜଭି ଏବେ ମାତ୍ର ଦୁଇଟି ମ୍ୟାଚ୍‌ରେ ୧୬୦ ରନ୍ ସଂଗ୍ରହ କରିଛନ୍ତି । ଏହା ପୂର୍ବରୁ, ସେ ଲକ୍ଷ୍ନୌ ସୁପରଜାଏଂଟ୍ସ ବିପକ୍ଷରେ ଏକ ଧମାକାଦାର ଅର୍ଦ୍ଧଶତକ ମଧ୍ୟ କରିଥିଲେ । ରିଜଭି ପଥୁମ୍ ନିସାଙ୍କାଙ୍କ ସହିତ ୬୬ ରନ୍ ଏବଂ ଡେଭିଡ୍ ମିଲରଙ୍କ ସହିତ ୭୮ ରନ୍‌ର ପାର୍ଟନରସିପ୍ କରିଥିଲେ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**